# ପ୍ରେରଣା

ଡିସେମ୍ବର, ୨୦୧୯ ସଂସ୍କରଣ



ପ୍ରତିଷ୍ଠାତା

ଲଳିତକବି ଧ୍ରୁବ ଚରଣ ସ୍ୱାଇଁ

# ପ୍ରେରଣା

ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

■ ଡିସେମ୍ବର, ୨୦୧୯ ସଂସ୍କରଣ

**ପ୍ରତିଷ୍ଠାତା**

ଲଳିତକବି ଧ୍ରୁବ ଚରଣ ସ୍ୱାଇଁ

**ସମ୍ପାଦକ**

ଶ୍ରୀ ଦେବୀ ପ୍ରସାଦ ସ୍ୱାଇଁ

## ଆମସହ ଯୋଗାଯୋଗ

ସମ୍ପାଦକ, ପ୍ରେରଣା ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

ଜହ୍ନିତଇଳା, ବାରଦା, ଢେଙ୍କାନାଳ

ଇମେଲ୍-editor@preranaodia.com,ଦୂରଭାଷ - 8908279130

# ଛବିଟିଏ ପାଇଁ ପଦଟିଏ

The image speaks

ଏକ ଛବିର ସୀମିତ ବିଷୟବସ୍ତୁକୁ ନେଇ ପ୍ରତିଯୋଗିତାତ୍ମକ ଭାବ ଦ୍ୱାରା ନୂତନ ସାହିତ୍ୟର ସୃଷ୍ଟି ତଥା ପ୍ରିୟ ଲେଖକ/ଲେଖିକା ମାନଙ୍କ ମନରେ ଓଡିଆ ସାହିତ୍ୟ ପ୍ରତି ଅଧିକ ଉତ୍ସାହ ସୃଷ୍ଟି କରିବା ପାଇଁ "ଛବିଟିଏ ପାଇଁ ପଦଟିଏ" ଏକ କ୍ଷୁଦ୍ର ପ୍ରଚେଷ୍ଟା ।

"ଛବିଟିଏ ପାଇଁ ପଦଟିଏ" ପ୍ରତିଯୋଗିତାର ଡିସେମ୍ବର ୨୦୧୯ ସଂସ୍କରଣ ଇତି ମଧ୍ୟରେ ସମାପ୍ତ ହୋଇଅଛି । ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ଲେଖକ/ଲେଖିକା ମାନଙ୍କୁ "ପ୍ରେରଣା ପରିବାର" ତରଫରୁ ଅଶେଷ ଧନ୍ୟବାଦ । ପ୍ରିୟ ଲେଖକ/ଲେଖିକା ମାନଙ୍କର ଲେଖନୀ ଦୀର୍ଘଜୀବୀ ହେଉ ଏହା ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ।

"ଛବିଟିଏ ପାଇଁ ପଦଟିଏ", ଡିସେମ୍ବର ୨୦୧୯ ସଂସ୍କରଣର ବିଜେତା ଲେଖିକା ଜ୍ୟୋତ୍ସ୍ନା ରାୟଙ୍କୁ ଅଭିନନ୍ଦନ । ଲେଖିକାଙ୍କ କଲମରୁ...

ମାନବ ଜୀବନେ ଇନ୍ଦ୍ରିୟ ସଂଯମ,
ଶୁଦ୍ଧ ଆହାରେ ଶରୀର ପୋଷଣ ।
ସଦାଚାର ଜ୍ଞାନ ସାତ୍ତ୍ୱିକ ଚିନ୍ତନ
ଈଶ୍ୱର ଭକତି ନାରୀଙ୍କୁ ସମ୍ମାନ ।
ସୁସ୍ଥ ପରିବେଶ ସ୍ୱଚ୍ଛତା ବିଧାନ
ଏଡ଼ସ ରୋଗର ଅଟଇ ନିଦାନ ।



ଜ୍ୟୋତ୍ସ୍ନା ରାୟ

# ଉପକ୍ରମ

ପ୍ରାରମ୍ଭରୁ ଓଡିଆ ସାହିତ୍ୟ ପ୍ରତି ବିଶେଷ ଦୁର୍ବଳତା ନଥିଲେ ମଧ୍ୟ କିଞ୍ଚିତ୍ ଜିଜ୍ଞାସା ନିଶ୍ଚୟ ଥିଲା । ଯେବେ କେବେବି ବାପାଙ୍କର ଲେଖା କିଛି ପଢେ, ତାଙ୍କ ସୃଜନଶୀଳତା ଓ ସାହିତ୍ୟର ବୈସ୍ତୃତ୍ୟ ଦେଖି ଅତି ବିସ୍ମିତ ଲାଗେ । ତାଙ୍କ ଲେଖା ପରି ସୁନ୍ଦର ସାହିତ୍ୟ ଲୋକଲୋଚନରୁ ଅଦୃଷ୍ଟ ରହିଗଲା କେବଳ ସୁଯୋଗ ଏବଂ ପ୍ରୋତ୍ସାହନ ଅଭାବରୁ । ତାଙ୍କ ପରି ଅନେକ ସାହିତ୍ୟ ସାଧକ ବଣମଲ୍ଲୀ ପରି ବଣରେ ଫୁଟି ନିଜର ସୁଗନ୍ଧ ଚତୁଃପାର୍ଶ୍ୱରେ ପ୍ରସାରିତ କରିବା ପୂର୍ବରୁ ଝଡି ଯାଉଛନ୍ତି ।

"ବଣମଲ୍ଲୀ ସମ ଫୁଟି ମୁଁ ବଣରେ
ପଡିବିନି ଆଉ ଝରି ।
ପ୍ରେରଣା ଆଣୁଛି ସାହିତ୍ୟ ସମ୍ଭାର
ରଖିବ ହୃଦୟେ ଭରି ।।"

ଓଡିଆ ସାହିତ୍ୟର ସେହି ଲୁକ୍କାୟିତ ତଥା ଅପ୍ରଶଂସିତ ସ୍ରଷ୍ଟାମାନଙ୍କୁ ସୁଯୋଗ ଦେବା ଏବଂ ସେମାନଙ୍କର ଅପ୍ରକାଶିତ ରଚନା ଗୁଡିକୁ ଲୋକଲୋଚନକୁ ଆଣିବା ପାଇଁ ଏକ ମାଧ୍ୟମ ପ୍ରଦାନ କରିବାର ଏକ କ୍ଷୁଦ୍ର ପ୍ରଚେଷ୍ଟା "ପ୍ରେରଣା" । ଯେକୌଣସି ପ୍ରତିକୂଳ ପରିସ୍ଥିତିରେ ବି ନିର୍ଭୀକ ଭାବରେ ନିଜର କର୍ମ କରି ଚାଲିବା ପାଇଁ ବାପାଙ୍କ ଠାରୁ ଯେଉଁ ପ୍ରେରଣା ମିଳିଥିଲା, ସେହି ପ୍ରେରଣାକୁ ସାହିତ୍ୟପ୍ରେମୀ ବନ୍ଧୁମାନଙ୍କ ସହ ପ୍ରସାର କରି ଓଡିଆ ଭାଷା ସାହିତ୍ୟ ପ୍ରତି ନିଜର ସାମାନ୍ୟତମ ଅନୁଦାନ ଅର୍ପଣ କରିବା ପାଇଁ ହିଁ "ପ୍ରେରଣା"ର ସୃଷ୍ଟି ।

ପ୍ରିୟ ପାଠକ/ପାଠିକାଗଣ ଏହାକୁ ପାଠ କରି କିଞ୍ଚିତ୍ ଆନନ୍ଦ ଅନୁଭବ କଲେ ମୋର ଶ୍ରମ ସାର୍ଥକ ହେବା ଆଶାକରେ ।

**- ସମ୍ପାଦକ**

# କୃତଜ୍ଞତା ଜ୍ଞାପନ

ମୋର ପ୍ରିୟ ବନ୍ଧୁ ଶ୍ରୀ ବିଭୁଶ୍ରୀ ମିଶ୍ର, ଶ୍ରୀ ସନ୍ତୋଷ ସାଗର ମିଶ୍ର, ଶ୍ରୀ ସନାତନ ସାହୁ ଓ ଶ୍ରୀ ହୃଦୟାନନ୍ଦ ପଧାନ ପ୍ରମୁଖ ଯେଉଁ ମହୋଦୟ ମାନଙ୍କ ପ୍ରେରଣା ଓ ସାହାଯ୍ୟ ଆଜି ମୋତେ ମୋ ଗନ୍ତବ୍ୟ ପଥରେ ଆଗେଇ ନେଉଛି, ସେମାନଙ୍କ ନିକଟରେ ମୁଁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଅଛି ।

**। ଇତି ।**

**ସମ୍ପାଦକ**

# ପ୍ରେରଣା ଇ-ପତ୍ରିକା ପ୍ରକାଶନର ନିୟମାବଳୀ :

- ପ୍ରେରଣା ଇ-ପତ୍ରିକା ଏକ ମାସିକ ସଂସ୍କରଣ ହୋଇଥିବାରୁ ପ୍ରିୟ ଲେଖକ/ଲେଖିକା ମାନେ ପ୍ରତି ମାସରେ ପ୍ରକାଶଯୋଗ୍ୟ ନିଜସ୍ୱ ଲେଖା ପଠାଇ ପାରିବେ ।
- ପ୍ରକାଶନ ପାଇଁ ପ୍ରେରିତ ଲେଖା ଗୁଡିକର ନକଲକୁ ଲେଖକ/ଲେଖିକା ମାନେ ନିଜ ପାଖରେ ସରଂକ୍ଷିତ କରି ରଖିବା ପାଇଁ ଅନୁରୋଧ । କାରଣ ଅମନୋନିତ ଲେଖା ଗୁଡିକ ଫେରସ୍ତ ହେବାର ବ୍ୟବସ୍ଥା ନାହିଁ ।
- ବର୍ତ୍ତମାନ ପ୍ରେରଣା ଇ-ପତ୍ରିକା ମୁଖ୍ୟତଃ ପଦ୍ୟ ଏବଂ ଗଦ୍ୟ ଏହି ଦୁଇଟି ବିଭାଗକୁ ନେଇ ଗଠିତ ହୋଇଥିବାରୁ ପ୍ରତି ସଂସ୍କରଣ ପାଇଁ ପ୍ରିୟ ଲେଖକ/ଲେଖିକା ମାନେ ଅତିବେଶିରେ କେବଳ ଦୁଇଟି (ଗୋଟିଏ ପଦ୍ୟ ଏବଂ ଗୋଟିଏ ଗଦ୍ୟ ) ଲେଖା ପଠାଇ ପାରିବେ ।

- ପ୍ରିୟ ଲେଖକ/ଲେଖିକା ମାନେ ନିଜସ୍ୱ ଲେଖା ପଠାଇବା ପାଇଁ www.preranaodia.com ରେ ଉପଯୁକ୍ତ ତଥ୍ୟ ପ୍ରଦାନ କରିବା ସହ ନିଜସ୍ୱ ଲେଖାକୁ ଓଡିଆରେ ଟାଇପ୍ କରିବା ଆବଶ୍ୟକ ।
- ପ୍ରତି ସଂସ୍କରଣ ପାଇଁ କେବଳ ଏହି ପଞ୍ଜୀକରଣ ଦ୍ୱାରା ଲେଖା ଗ୍ରହଣଯୋଗ୍ୟ ଅଟେ । ସୁତରାଂ ପ୍ରତି ସଂସ୍କରଣ ପାଇଁ ଲେଖକ/ଲେଖିକା ମାନେ ଲେଖାକୁ www.preranaodia.com ମାଧ୍ୟମରେ ପଠାଇବାକୁ ପଡିବ ।
- ପ୍ରିୟ ଲେଖକ/ଲେଖିକା ମାନେ ପଞ୍ଜୀକରଣ ଫର୍ମରେ ପ୍ରଦତ୍ତ ସ୍ଥାନରେ ନିଜସ୍ୱ ଲେଖାକୁ ଓଡିଆରେ ଲେଖି ପାରିବେ । ପଞ୍ଜୀକରଣ ସମୟରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ ଆମ ସହ ଯୋଗାଯୋଗ କରିବାକୁ ଅନୁରୋଧ ।
- ଇ-ମେଲ କିମ୍ବା ହ୍ୱାଟସ୍ଆପ୍ ଦ୍ୱାରା ପ୍ରେରିତ ଲେଖା ଗ୍ରହଣୀୟ ନୁହେଁ । ତେଣୁ ସହୃଦୟ ଲେଖକ/ଲେଖିକା ମାନେ ଲେଖା ପଠାଇବା ପାଇଁ ଏହାର ବ୍ୟବହାର ନ କରିବା ପାଇଁ ବିଶେଷ ଅନୁରୋଧ ।

- ପ୍ରିୟ ଲେଖକ/ଲେଖିକା ମାନଙ୍କୁ ବିଶେଷ ଅନୁରୋଧ – ଏକ ସମୟରେ ଅନ୍ୟ କୌଣସି ପତ୍ରିକାକୁ ପ୍ରକାଶ କରିବା ପାଇଁ ପଠାଇଥିବା ଲେଖା "ପ୍ରେରଣା"କୁ ପଠାନ୍ତୁ ନାହିଁ କିମ୍ବା "ପ୍ରେରଣା"କୁ ପଠାଇଥିବା ଲେଖା ଅନ୍ୟ କୌଣସି ପତ୍ରିକାକୁ ପଠାନ୍ତୁ ନାହିଁ ।
- ଲେଖା ଚୟନ କେବଳ ସମ୍ପାଦନା ମଣ୍ଡଳୀ ଦ୍ୱାରା ସ୍ଥିରୀକୃତ ହୋଇଥାଏ । ଲେଖକ/ଲେଖିକା ମାନେ ଏହା ଉପରେ କୌଣସି ଅଭିଯୋଗ ରଖିପାରିବେ ନାହିଁ । ଲେଖାଗୁଡିକ କୌଣସି ଧର୍ମ ବହିଃର୍ଭୂତ ତଥା ବିରୋଧୀ ତତ୍ତ୍ୱ ଉପରେ ଆଧାରିତ ନ ହେବା ଆବଶ୍ୟକ ।
- ପ୍ରେରଣା ଇ-ପତ୍ରିକାରେ ପ୍ରକାଶିତ ଲେଖା ତଥା ଏହାର ୱେବସାଇଟରେ ପ୍ରଦତ୍ତ ତଥ୍ୟ ସମ୍ପାଦକଙ୍କ ଅନୁମତି ବିନା କୌଣସି ପତ୍ର-ପତ୍ରିକାରେ ପ୍ରକାଶିତ ହେବା ଅପରାଧ ବୋଲି ବିବେଚନା କରାଯିବ । ସୁତରାଂ ଏଥି ନିମନ୍ତେ ସମ୍ପାଦକଙ୍କ ଠାରୁ ଲିଖିତ ଅନୁମତି ଆବଶ୍ୟକ ।

- ଏହି ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖା ଉଭୟ ପ୍ରକାଶକ ଏବଂ ଲେଖକ/ଲେଖିକା ମାନଙ୍କ ପାଖରେ ସର୍ବଦା ସରଂକ୍ଷିତ । ତେଣୁ ନିଜସ୍ୱ ଲେଖାକୁ ସୋସିଆଲ ମିଡିଆ/ନେଟୱର୍କରେ ପ୍ରଚାର ଏବଂ ପ୍ରସାର ନିମନ୍ତେ ସେୟାର୍ କରିବାର ସମ୍ପୂର୍ଣ୍ଣ ଅଧିକାର ପ୍ରିୟ ଲେଖକ/ଲେଖିକା ମାନଙ୍କର ଅଛି ।

ପ୍ରେରଣା ଇ-ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖା ଲେଖକ/ଲେଖିକା ମାନଙ୍କର ନିଜସ୍ୱ ସୃଷ୍ଟି ହୋଇଥିବାରୁ ଯେକୌଣସି ବାଦାନୁବାଦ ପାଇଁ କେବଳ ଲେଖକ/ଲେଖିକା ମାନେ ଉତ୍ତରଦାୟୀ ରହିବେ । ଏଥିରେ ପ୍ରକାଶକ, ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

# ସମ୍ପାଦକୀୟ...

ଆଜି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଦ୍ରୁତ ବିକାଶ ଚିକିତ୍ସା ପଦ୍ଧତିକୁ ସରଳ, ସଠିକ ଓ ସ୍ୱୟଂକ୍ରିୟ କରାଇ ପାରିଛି । ପ୍ରାଥମିକ ଲକ୍ଷଣ ସମୟରେ ହିଁ ବହୁ ଦୁଃସାଧ ରୋଗ ଠିକ୍ ରୂପେ ଜଣା ପଡିଯାଉଛି । ଯାହା ଫଳରେ ତ୍ୱରିତ ଚିକିତ୍ସା ଯୋଗୁଁ ବହୁ ମୂଲ୍ୟବାନ ଜୀବନ ରକ୍ଷା ପାଇପାରୁଛି ।  କିନ୍ତୁ ଏଡ଼ସ ପରି କିଛି ମାରାତ୍ମକ ବ୍ୟାଧିରୁ ସମ୍ପୂର୍ଣ୍ଣ ସୁସ୍ଥ ହେବା ପାଇଁ ଚିକିତ୍ସା ପଦ୍ଧତି ଉଦ୍ଭାବନ ହୋଇ ପାରିନାହିଁ । ଏନେଇ ପୃଥିବୀର ସମସ୍ତ ବୁଦ୍ଧିଜୀବୀ, ବୈଜ୍ଞାନିକ ତଥା ଚିକିତ୍ସାବିତ ଅତ୍ୟନ୍ତ ଚିନ୍ତିତ ହୋଇ ପଡିଛନ୍ତି । ରୋଗର ପ୍ରକୃତ ବାହକ ପ୍ରବୃତ୍ତିଗତ ମନୁଷ୍ୟ ହିଁ ସଚେତନ ହେଲେ ଏହି ବ୍ୟାଧି କବଳରୁ ନିଜକୁ ତଥା ସମାଜକୁ ରକ୍ଷା କରିପାରିବ ।

ଇତିହାସରୁ ଜଣାଯାଏ ୧୯୭୦ ମସିହାଠାରୁ ଏହି ମାରାତ୍ମକ ବ୍ୟାଧି ମନୁଷ୍ୟକୁ ଆକ୍ରାନ୍ତ କଲାଣି । କିନ୍ତୁ ସେତେବେଳେ ଚିକିତ୍ସାବିଜ୍ଞାନୀ ମାନେ ଏ ସମ୍ବନ୍ଧରେ ଅବଗତ ନଥିଲେ । ପରବର୍ତ୍ତୀ ସମୟରେ ୧୯୮୧ ମସିହାର ଶେଷଭାଗ ବେଳକୁ ଏହି ରୋଗଗ୍ରସ୍ତ ମନୁଷ୍ୟର ଚିକିତ୍ସାରେ କୌଣସି ଉନ୍ନତି ପରିଲକ୍ଷିତ ନହେବାରୁ ସେମାନଙ୍କ ରକ୍ତ ନମୁନା ନେଇ ପରୀକ୍ଷା କରାଗଲା । ସେଥିରୁ ଏଚ.ଆଇ.ଭି ବା ହ୍ୟୁମାନ ଇମ୍ୟୁନ ଭାଇରସ ଆବିଷ୍କୃତ ହୋଇଥିଲା । ବର୍ତ୍ତମାନ ୨୦୧୭ ମସିହା ସୁଦ୍ଧା ବିଶ୍ୱରେ ହାରାହାରି ୨୯ ମିଲିୟନରୁ ୪୧ ମିଲିୟନ ମନୁଷ୍ୟ ଏଡ୍‌ସରେ ମୃତ୍ୟୁ ବରଣ କରିସାରିଲେଣି ଓ ପ୍ରାୟ ୩୯ ମିଲିୟନ ମନୁଷ୍ୟ ଏଡ୍‌ସ ରୋଗରେ ଆକ୍ରାନ୍ତ । ଏହି ଭୁତାଣୁ ଗୋଟିଏ ରୋକାକ୍ରାନ୍ତ ମନୁଷ୍ୟଠାରୁ ଗୋଟିଏ ସୁସ୍ଥ ଲୋକର ଶରୀରକୁ ପ୍ରବେଶ କଲେ ୧୨ ରୁ ୨୯ ମାସ ମଧ୍ୟରେ ସୁସ୍ଥ ଲୋକର ରୋଗ ପ୍ରତିରୋଧ ଶକ୍ତିକୁ ସମ୍ପୂର୍ଣ୍ଣ ଲୋପ କରିଦିଏ । ଯଦ୍ଦ୍ୱାରା ତରଳ ଝାଡା, ଦୁର୍ବଳତା, ଜ୍ୱର, ରକ୍ତହୀନତା ଓ ଓଜନ

ହ୍ରାସ ଆଦି ରୋଗର ଲକ୍ଷଣ ପ୍ରକାଶ ପାଇଥାଏ । ଏହାର ଉପଶମ ପାଇଁ କୌଣସି ପ୍ରକାର ଔଷଧ କାର୍ଯ୍ୟକରି ନଥାଏ । ଏଲିଶା ଓ ଅନ୍ୟାନ୍ୟ ପରୀକ୍ଷା ଦ୍ୱାରା ଏହି ରୋଗ ନିରୂପଣ ହୋଇଥାଏ । ଏଯାବତ୍ ଏହାଠାରୁ ରକ୍ଷା ପାଇବା ପାଇଁ ସଫଳ ଚିକିତ୍ସା ପଦ୍ଧତି ଉଦ୍ଭାବନ ହୋଇ ନଥିବାରୁ କେବଳ ଜନ ସଚେତନତା ହିଁ ସମାଜକୁ ଏହି ମାରାତ୍ମକ ବ୍ୟାଧି କବଳରୁ ରକ୍ଷାକରି ପାରିବ । ମୁଖ୍ୟତଃ ସଂକ୍ରମିତ ରୋଗୀ ସହ ଅସୁରକ୍ଷିତ ଯୌନକ୍ରିୟା, ସଂକ୍ରମିତ ମା'ଠାରୁ ଗର୍ଭସ୍ଥ ଶିଶୁକୁ ଓ ସଂକ୍ରମିତ ରୋଗୀଠାରୁ ରକ୍ତ ଗ୍ରହଣ ଦ୍ୱାରା ଏହି ରୋଗ ସୁସ୍ଥ ଲୋକକୁ ଆକ୍ରାନ୍ତ କରିଥାଏ । ତେଣୁ ଏହିସବୁ ସଂକ୍ରମିତ ମାଧ୍ୟମ ପ୍ରତି ଧ୍ୟାନଦେଇ ସଚେତନ ରହିଲେ ମନୁଷ୍ୟ ଯେ, ଏହି ଦୁରାରୋଗ୍ୟଠାରୁ ନିଜକୁ ରକ୍ଷା କରିପାରିବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ ।

ଆଜି ସାରା ପୃଥିବୀରେ ଏହି ମାରାତ୍ମକ ବ୍ୟାଧିଠାରୁ ରକ୍ଷା ପାଇବା ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ମାନ ଆୟୋଜିତ କରାଯାଉଛି ।

ଏହି ଜନ ସଚେତନତାକୁ ଅଧିକ ବ୍ୟାପକ କରିବା ପାଇଁ ୧୯୮୮ ମସିହା ଠାରୁ ଡିସେମ୍ବର ୧ ତାରିଖକୁ ବିଶ୍ୱ ଏଡ଼ସ ଦିବସ ରୂପେ ପାଳନ କରାଯାଉଛି । ଏଡ଼ସ ଭଳି ମାରାତ୍ମକ ରୋଗଠାରୁ ନିଜକୁ ରକ୍ଷା କରିବା ପାଇଁ ରକ୍ତ ପରୀକ୍ଷା ସହ ଏ ବିଷୟରେ ସମ୍ପୂର୍ଣ୍ଣ ସଚେତନ ହେବା, ସନ୍ତୁଳିତ ଖାଦ୍ୟ ପାନୀୟ ଓ ଆଦର୍ଶ ଜୀବନ ଯାପନ ନିତାନ୍ତ ଆବଶ୍ୟକ । ଆସନ୍ତୁ ସମସ୍ତେ ପ୍ରତିଜ୍ଞାବଦ୍ଧ ହେବା, ନିଜେ ସଚେତନ ରହି ଅନ୍ୟମାନଙ୍କୁ ସଚେତନ କରାଇବା ଏକ ଏଡ଼ସ ମୁକ୍ତ ପୃଥିବୀ ପାଇଁ ।

**- ଦେବୀ ପ୍ରସାଦ ସ୍ୱାଇଁ**

*****

# ସୂଚୀପତ୍ର


| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| | **ଅନ୍ତରଙ୍ଗ ଆଳାପ** | | ୧୯ |
| | **ପଦ୍ୟ ବିଭାଗ** | | |
| ୧. | ବିବେକ-ଜ୍ଞାନ | ଲଳିତକବି ଧ୍ରୁବ ଚରଣ ସ୍ୱାଇଁ | ୨୫ |
| ୨. | ସମ୍ପର୍କ | ମଞ୍ଜୁଲତା ସିଂ | ୨୬ |
| ୩. | ଈଶ୍ୱରଙ୍କ ବଳାତ୍କାର | ରିଙ୍କି ପଧାନ | ୨୯ |
| ୪. | ନ ହାରିବା ସନମାନ | ଅନାମ ଚରଣ ସାହୁ | ୩୨ |
| ୫. | ଜଳାଞ୍ଜଳି | ସରୋଜ ମହାପାତ୍ର | ୩୪ |
| ୬. | ରଫ୍ ଖାତା | ଶୁଭଲକ୍ଷ୍ମୀ ବିରଞ୍ଚି ଦାସ | ୩୬ |
| ୭. | ଇଂରାଜୀ ନବବର୍ଷ | ପ୍ରିୟଦର୍ଶିନୀ ମହାନ୍ତି | ୩୭ |
| ୮. | କବିତା | ଯୁଧିଷ୍ଠିର ଖମାରୀ | ୩୯ |

| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୯. | ରାକ୍ଷସ | ପ୍ରଜ୍ଞା ପଦ୍ମିନୀ | ୪୧ |
| ୧୦. | କେହିଜଣେ | ଅର୍ଘ୍ୟରୂପା ସ୍ୱାଇଁ | ୪୩ |
| ୧୧. | ଅନାଦି ଅନନ୍ତ | ଅବିନାଶ ବେହେରା | ୪୬ |
| ୧୨. | ସ୍ୱପ୍ନ | ନିରୁପମା ନାୟକ | ୪୮ |
| ୧୩. | ବିଦୁର ବୀର୍ଯ୍ୟସୁତ | ଅମ୍ରିତେଶ ଖଟୁଆ | ୫୧ |
| ୧୪. | ଜୟ ଶ୍ରୀରାଧାକୃଷ୍ଣ | ନୂତନ କୁମାର ବେହେରା | ୫୪ |
| ୧୫. | ବଣଭୋଜି ପାଇଁ ଯୋଜନା | ରମେଶ ଚନ୍ଦ୍ର ବେହେରା | ୫୭ |
| ୧୬. | ତୁମେ ଆସିଲ | ଆଶୁତୋଷ ସ୍ୱାଇଁ | ୬୦ |
| ୧୭. | ଠିକଣା | ହୃଦୟାନନ୍ଦ ପଧାନ | ୬୫ |
| ୧୮. | ଉଠ ଜାଗ୍ରତ ହୁଅ ହେ ନାରୀ ଜାତି | ତପସ୍ୱିନୀ ଦାଶ ଷଡଙ୍ଗୀ | ୬୭ |
| ୧୯. | ନବ ବରଷ | କୃଷ୍ଣ ଚନ୍ଦ୍ର ଡାକୁଆ | ୬୯ |
| ୨୦. | ଥୁଣ୍ଟାଗଛ | ଶିବ ଚରଣ ମହାପାତ୍ର | ୭୧ |

| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୨୧. | ଅପେକ୍ଷାର ଅନ୍ତ | ସମ୍ବିତ୍ ସତ୍ୟପ୍ରକାଶ ମିଶ୍ର | ୭୫ |
| ୨୨. | ଜଗଂଲ କେ ଥିମା ଛଁଟି | ଆର୍ତ୍ତତ୍ରାଣ ଖୁର୍ଦ୍ଦିଆ | ୭୭ |
| ୨୩. | ଝରକା | ବିଶ୍ୱନାଥ ନାୟକ | ୮୧ |
| ୨୪. | ସଖା ପାଇଁ କଥା ପଦେ | ଲିପ୍ସା ଆଚାର୍ଯ୍ୟ | ୮୪ |
| ୨୫. | ଅନ୍ତର ନିବେଦନ | ଦମୟନ୍ତୀ କିଶାନ | ୮୮ |
| | **ଗଦ୍ୟ ବିଭାଗ** | | |
| ୨୬. | ନିଃସଙ୍ଗତା | ରୋଜା ପଣ୍ଡା | ୯୨ |
| ୨୭. | ସଫଳତାର ରହସ୍ୟ | ସତ୍ୟ ରଞ୍ଜନ ମିଶ୍ର | ୯୮ |
| ୨୮. | ଆମେ କ'ଣ ମୂକ ହେବା ? | ସରୋଜ ମହାପାତ୍ର | ୧୦୫ |
| ୨୯. | ଏମିତି ବି ଖୁସି | ରାଜେଶ କୁମାର ବାରିକ | ୧୧୨ |


*****

# ଅନ୍ତରଙ୍ଗ ଆଳାପ

## ସଂକ୍ଷେପରେ କବି...

**ନାମ : ଶିବ ଚରଣ ମହାପାତ୍ର**

**ଜନ୍ମ ତାରିଖ :** ୧୦ ମାର୍ଚ୍ଚ

**ଠିକଣା :** ସା/ପୋ-ଚକ୍ରଧରପୁର, ହରିଚନ୍ଦନ ପୁର, କେନ୍ଦୁଝର ।

**ଶିକ୍ଷା :** +୩ କଳା (ଇତିହାସ ସମ୍ମାନ), ପ୍ରଥମ ବର୍ଷ ।



୧. **ପ୍ରିୟ ପୁସ୍ତକ :** ଶ୍ରୀରାଧା, ଯାଜ୍ଞସେନୀ ଓ ଶ୍ରୀମଦ୍ ଭଗବତ୍ ଗୀତା ।

୨. **ପ୍ରିୟ ଲେଖକ/ଲେଖିକା :** ପ୍ରତିଭା ରାୟ, ରମାକାନ୍ତ ରଥ ଓ ସୀତାକାନ୍ତ ମହାପାତ୍ର ।

**୩.ପୁରସ୍କାର/ସମ୍ମାନ:** ମଣ୍ଡଳ ସ୍ତରୀୟ କବିତା ପ୍ରତିଯୋଗିତାରେ ପ୍ରଥମ ୨୦୦୩ ଏବଂ ୨୦୦୪(ଓଷ୍ଟା), ଜିଲ୍ଲାସ୍ତରୀୟ କବିତା ପ୍ରତିଯୋଗିତାରେ ଦ୍ୱିତୀୟ -୨୦୦୩(ଓଷ୍ଟା), ଜିଲ୍ଲା ସ୍ତରୀୟ କବିତା ପ୍ରତିଯୋଗିତାରେ ପ୍ରଥମ - ୨୦୦୪(ଓଷ୍ଟା), ସମ୍ମାନ ସନନ୍ଦ - ୨୦୧୯ (ଉଦୟଭାନୁ ସାହିତ୍ୟ ସଂସଦ), ସ୍ୱଭାବ କବି ସ୍ମୃତି ସମ୍ମାନ - ୨୦୧୯ (ଅନନ୍ୟା ସାହିତ୍ୟ ସଂସଦ), ଶିଶୁ କବିତା ଆସର ପ୍ରଶଂସା ପତ୍ର - ୨୦୧୯ (ସମ୍ବାଦ ସାହିତ୍ୟଘର ହରିଚନ୍ଦନ ପୁର)

**୪.ଆପଣଙ୍କ ପ୍ରେରଣାର ଉତ୍ସ** : ସର୍ବ ପ୍ରଥମେ ପ୍ରେରଣାର ଉତ୍ସ ଯୋଗାଇଥିଲେ ମୋର ପୂଜ୍ୟ ଗୁରୁଜୀ ଶ୍ରୀଯୁକ୍ତ କଳାକାର ମହାନ୍ତି ମହୋଦୟ । ତା'ପରେ ମୋ ଚତୁଃପାର୍ଶ୍ୱରେ ରହୁଥିବା ସଜୀବ-ନିର୍ଜୀବ ପ୍ରତ୍ୟେକଟି ବସ୍ତୁ ମୋତେ ପ୍ରେରଣା ଯୋଗାଇ ଆସିଛନ୍ତି । ଅବଶ୍ୟ ସୁଖ ଅପେକ୍ଷା ଦୁଃଖଦାୟକ ଘଟଣା ସବୁ ମୋତେ ଖୁବ୍ ଶକ୍ତି ଏବଂ ସାହାସ୍ ଯୋଗାଇଛନ୍ତି ସତେ ଯେପରି ତା'ଙ୍କମାନଙ୍କର ଅବ୍ୟକ୍ତ ବେଦନା ସବୁ ପରିପ୍ରକାଶର ମାଧ୍ୟମ ସାଜିବାକୁ ଏବଂ ସବୁବେଳେ ମୁଁ ଲେଖନୀ ସାହାଯ୍ୟରେ କାଗଜ ଆଉ ଶବ୍ଦର ସାହାରା ନେଇ ସେ ଯନ୍ତ୍ରଣାକୁ ବ୍ୟକ୍ତ କରିବାକୁ ଚେଷ୍ଟା କରିଛି । ଅବଶ୍ୟ ଶବ୍ଦ ମାନଙ୍କୁ ମୁଁ ସଜେଇବା ଆଗରୁ

ସେମାନେ ନିଜେ ନିଜେ ସଜେଇ ହେଇ ନିଜ ମତବ୍ୟକ୍ତ କରିଛନ୍ତି ।

**୫. ଆପଣଙ୍କ ସାହିତ୍ୟ ଜଗତରେ ପ୍ରବେଶ ଓ ସାହିତ୍ୟ ସର୍ଜନା ବିଷୟରେ ସମ୍ୟକ ବିବରଣୀ** : ମୁଁ ଅଷ୍ଟମ ଶ୍ରେଣୀରେ ପଢୁଥିବା ସମୟରେ ଓଷ୍ଟା ତରଫରୁ ଆମ ମଣ୍ଡଳରେ ଏକ ସାହିତ୍ୟଭିତ୍ତିକ ପ୍ରତିଯୋଗିତା ହୋଇଥିଲା । ଯେଉଁଥିରେ ମୁଁ କବିତା ବିଭାଗରେ ପ୍ରଥମ ଏବଂ ଗଳ୍ପ ବିଭାଗରେ ଦ୍ୱିତୀୟ ହୋଇଥିଲି । ପରେ ଜିଲ୍ଲା ସ୍ତରୀୟ ଏବଂ ରାଜ୍ୟ ସ୍ତରୀୟ କବିତା ପ୍ରତିଯୋଗିତାରେ ମଧ୍ୟ ଅଂଶଗ୍ରହଣ କରିଥିଲି । ମଝିରେ ପଢାପଢି ଯୋଗୁଁ ସାହିତ୍ୟ ପ୍ରତି ବିଶେଷ ସମୟ ଦେଇପାରୁ ନଥିଲି କିନ୍ତୁ ଏବେ ମୋର ସରକାରୀ ଡ୍ୟୁଟି ସରିବାପରେ ସମସ୍ତ ଅବସର ସମୟ କେବଳ ସାହିତ୍ୟ ସାଧନାରେ ବିତୁଅଛି । ଆଗକୁ ଅନେକ ସ୍ୱପ୍ନ ମଧ୍ୟ ପୁରା କରିବାକୁ ଅଛି ।

**୬. ଆପଣଙ୍କ ମତରେ ବର୍ତ୍ତମାନ ସମାଜରେ ସାହିତ୍ୟର ସ୍ଥିତି** : ସମ୍ପ୍ରତି ଓଡିଆ ସାହିତ୍ୟ ଆମ ପରିକଳ୍ପନାର ଊର୍ଦ୍ଧ୍ୱ ଶିଖର ଦେଶରେ ପାଦ ଥାପି ସାରିଲାଣି । ତାହା ଯେ କେବଳ ଅତି ସହଜରେ ହାସିଲ୍ କରାଯାଇଛି କହିଲେ ଠିକ୍ ହେବନାହିଁ । କେତେ କେତେ ସାହିତ୍ୟ ସାଧକଙ୍କ ଆପ୍ରାଣ

ଉଦ୍ୟମର ଫଳବତୀ ବୃକ୍ଷ ଆମ ଓଡିଆ ସାହିତ୍ୟ । ନୂତନ ପିଢିର ଲେଖକଙ୍କ ଚିନ୍ତା ଚେତନା ଆଉ ପରିକଳ୍ପନା ମଧ୍ୟ ଖୁବ୍ ଉନ୍ନତ ଆଉ ପରିମାର୍ଜିତ ତେଣୁ ନିଃସନ୍ଦେହ କୁହାଯାଇପାରେ ଯେ ପୁରାତନ ଏବଂ ନୂତନ ଧାରାକୁ ସାହିତ୍ୟର ଏଇ ମହାସାଗରରେ ମିଶିଯିବାକୁ ଦେବା ଆବଶ୍ୟକ । ଉଭୟଙ୍କ ସମ୍ମିଶ୍ରଣରେ ହିଁ ଓଡିଆ ସାହିତ୍ୟ ସ୍ଥିତି ଆଉ ଗତି ଉଭୟ ମଜବୁତ୍ ରହିବ । ସମସ୍ତ ସାରସ୍ୱତ ସାଧକ ମଧ୍ୟ ନିଜକୁ ଜଣେ ସାହିତ୍ୟ ସ୍ରଷ୍ଟା ହିସାବରେ ନିରହଂକାର, ଦୋଷମୁକ୍ତ ରହିବା ଉଚିତ୍ । ସାହିତ୍ୟ ପ୍ରତି ଥିବା ଅନୁରାଗ ସଦା ସର୍ବଦା ବଳବତ୍ତର ରଖି ଅନ୍ୟ ସାହିତ୍ୟକୁ ସମ୍ମାନ ଦେବା ଆବଶ୍ୟକ । ତେବେ ଯାଇ ସାହିତ୍ୟର ଉତ୍ତୋରୋତ୍ତର ଉନ୍ନତି ହେବ ।

**୭. ପ୍ରେରଣା ଇ-ପତ୍ରିକା ବିଷୟରେ କ'ଣ କହିବେ :** ପ୍ରେରଣା ଇ-ପତ୍ରିକା କେବଳ ଯେ, ଏକ ସାହିତ୍ୟ ପରିପ୍ରକାଶର ମାଧ୍ୟମ କୁହାଯିବା ଅସଙ୍ଗତ ମନେ ହୁଏ । କାହିଁକି ନା ପ୍ରେରଣା ଇ-ପତ୍ରିକା ନୂତନ ତଥା ପୁରାତନ ସାହିତ୍ୟ ସାଧକଙ୍କ ସମ୍ମିଶ୍ରଣରେ ଗଢି ଉଠିଥିବା ସାହିତ୍ୟ ସାଧନାର ଚାଟଶାଳୀ । ପ୍ରେରଣା ପରିବାର ସର୍ବଦା ନୂତନ ଲେଖକ/

ଲେଖିକାଙ୍କୁ ପ୍ରେରଣା ଯୋଗାଇ ଆସିଅଛି ।ଏହାର 'ଅନ୍ତରଙ୍ଗ ଆଳାପ' ଏବଂ 'ସମ୍ପାଦକୀୟ' ପୃଷ୍ଠାରେ ଅନେକ କିଛି ଶିଖିବାକୁ ମିଳିଥାଏ । ଏହାଛଡା 'ଛବିଟିଏ ପାଇଁ ପଦଟିଏ' ପୃଷ୍ଠାଟି ମଧ୍ୟ ସ୍ୱାଗତ ଯୋଗ୍ୟ । ବର୍ତ୍ତମାନର ବିଜ୍ଞାନ ଯୁଗରେ ନିଜର ପ୍ରତିଭା ତଥା ନିଜର ଭାବନାକୁ ସର୍ବସମ୍ମୁଖରେ ଆଣିବାକୁ ହେଲେ ବିଶେଷ ସମୟ ଲାଗୁନାହିଁ । ତଥାପି ସାହିତ୍ୟର ପରିପ୍ରକାଶ ପାଇଁ ବିଭିନ୍ନ ଇଲେକଟ୍ରୋନିକ୍ ମିଡିଆ, ପ୍ରିଣ୍ଟ ମିଡିଆ ତଥା ବିଭିନ୍ନ ଆପ୍ ଥିଲେ ମଧ୍ୟ ମୋତେ ପ୍ରେରଣାର ଚୟନ ପ୍ରକ୍ରିୟା ଏବଂ ପରିଚାଳନା ଶୈଳୀ ଶ୍ରେଷ୍ଠ ବୋଲି ମନେହୁଏ । ଆପଣ ଦେଖୁଥିବେ ବିଭିନ୍ନ ଇ-ପତ୍ରିକା, ଇ-ପୋର୍ଟାଲ ମାନଙ୍କର କେତେକ କାରଣ ଯୋଗୁଁ ପ୍ରକାଶନରେ ବିଳମ୍ବ ଏବଂ ପାତର ଅନ୍ତର ଦେଖାଦିଏ, କିନ୍ତୁ ପ୍ରେରଣା ଇ-ପତ୍ରିକାରେ ସେସବୁ ଦୃଷ୍ଟିଗୋଚର ହୁଏନାହିଁ । ପ୍ରାର୍ଥନା କରିବି ପ୍ରେରଣାର ଏ ସାହିତ୍ୟ ଜୟଯାତ୍ରା ଜାରି ରହୁ ଏବଂ ବଣମଲ୍ଲୀର ମହକ ସବୁକୁ ବିଶ୍ୱର କୋଣେ ଅନୁକୋଣେ ପହଞ୍ଚାଇବାର ପ୍ରୟାସ ଅନବରତ ଜାରି ରହୁ ।

*****

# ପଦ୍ୟ ବିଭାଗ

" ସମୟ ଚାଲୁଛି ସମୟ ବାଟରେ
ରହିଯାଏ ସ୍ମୃତି ଚିହ୍ନ ।
କିଛି ଚିହ୍ନ ରହେ ଭାବନା ଭିତରେ
କିଛି ଲଭିଥାଏ ମନ ॥ "

**ତପସ୍ୱିନୀ ଦାଶ ଷଡଙ୍ଗୀ**

# ବିବେକ-ଜ୍ଞାନ

ଲଳିତକବି ଧ୍ରୁବ ଚରଣ ସ୍ୱାଇଁ

ଶରୀରେ ନଥିଲେ ବିବେକ-ଜ୍ଞାନ-ମାନବିକତା ।
ପଶୁସଙ୍ଗେ ଗଣା ମନୁଷ୍ୟ ମନେରଖ ଏ କଥା ॥

ଦେଖ ଗାଈ ଭିଡି ଖାଉଛି ବତ୍ସା ପାଟିରୁ ଘାସ ।
ମାନବୀ ଶିଶୁକୁ ଖୁଆଏ ନିଜେ ରହି ଉପାସ ॥

ବାତ୍ସଲ୍ୟ ମମତା ଅବଶ୍ୟ ଅଛି ପଶୁର ଠାରେ ।
ବିବେକ ଜ୍ଞାନର ଅଭାବ ରହି ଅଛି ତା' ଠାରେ ॥

*****

ଜହ୍ନିତଇଳା, ଢେଙ୍କାନାଳ

# ସମ୍ପର୍କ

ମଞ୍ଜୁଲତା ସିଂ



ମୋ ଚାରିପାଖେ ଅନେକ

ସମ୍ପର୍କର ସମାହାର..

କିଛି ନୂଆ.. କିଛି ପୁରୁଣା..

ସମ୍ପର୍କର ଭିଡ଼...

ତଥାପି ମୁଁ ଅହରହ ଭିଜୁଥାଏ

କେମିତି ଏକ ନିଃସଙ୍ଗ ପଣରେ..

ଜୀବନର ଅଙ୍କାବଙ୍କା ରାସ୍ତାରେ

ଅନେକ ସମ୍ପର୍କର ଭେଟ..

କିଏ ବାଟ ଭାଙ୍ଗି ଯାଏ,

କିଏ ଅଟକେ ଅଧାରେ,

କିଏ ବିଷାଦର ମଲାଟରେ

ଆଙ୍କିଦିଏ ଅନୁରାଗର ସଜଫୁଟା ଫୁଲ...

କିଏ ପରସ୍ତ ପରସ୍ତ ଲୁହର ଦାଗରେ

ଛାତିତଳ ଓଦା କରେ..

ଏ ସମ୍ପର୍କ ତ ଏମିତି..

କିଏ ବୋଲି ଦିଏ ଏତେ ଅସୂୟାର

ପରତ ପରତ ଧୂଳିମଳି ଏ ସମ୍ପର୍କରେ..

କେତେ ସ୍ୱପ୍ନିଳ ମୁହୂର୍ତ୍ତମାନେ

ମୁହଁ ଫେରାଇ ନିଅନ୍ତି..

ମଧୁମୟ ଜୀବନରୁ ।

ମୁଁ ଝାଡ଼ି ଝୁଡି ସଫାକରେ

ଜମି ଥିବା ଧୂଳିର ପରତ..

କିଛି ସ୍ପଷ୍ଟ.. କିଛି ଅସ୍ପଷ୍ଟ..

କିଛି ଚିହ୍ନା.. କିଛି ଚିହ୍ନି ବି ଅଚିହ୍ନା..

ମନ ତ ବୁଝେନା..

ଛାତିରେ ଆକାଶର ବୋଝ ନେଇ

ଜୀବନ ତ ଖୋଜୁଥାଏ

ମଧୁମୟ ସମ୍ପର୍କଟେ

ଚାଲିବା ପାଇଁ ବାକିତକ ବାଟ..

*****

ଭୁବନେଶ୍ୱର

# ଈଶ୍ୱରଙ୍କ ବଳାତ୍କାର

ରିଙ୍କି ପଧାନ

ସତରେ ବୁଦ୍ଧିଜୀବୀଙ୍କ କଥା
ସତ ହୋଇପାରେ
ନାରୀର ଛୋଟ ବସ୍ତ୍ର
ଆକର୍ଷଣର କାରଣ ହୋଇପାରେ
ସେଇଥିପାଇଁ ବୋଧେ
ତିନି ମାସର ଶିଶୁକନ୍ୟାକୁ
ଅବୋଧ ମା'ର ଅସାବଧାନତା
ଟିକି-ଟିକି ଫ୍ରକ୍ କିଣି ଆଣିଥିବା ବାପା
ଜାଣତରେ ଅବା ଅଜାଣତରେ
ବଳାତ୍କାରର କାରଣ ସାଜିଥାଏ ।



ସତରେ ଏଭଳି ମନ୍ତବ୍ୟ

କେତେ ଘୃଣିତ ରୂପ

ପ୍ରକଟିତ କରେ ବୁଦ୍ଧିଜୀବୀର ସତ୍ତାରେ ।

ଆଉ ନିର୍ବୋଧ ଶିଶୁକନ୍ୟା

ଫ୍ରକ ଉଠାଇ ଦେଖାଉଥାଏ

ସମଗ୍ର ସମାଜର ଅଧିପତିକୁ

ଉଗ୍ର କାମନାର ଚିହ୍ନ

ରକ୍ତ-ମାଂସର ପିଣ୍ଡୁଳାଟି

ସାମ୍ନା କରେ ଯୌନ ରାକ୍ଷାସର

ପେଟର ଭୋକକୁ ଜାଣିପାରୁନଥିବା କନ୍ୟା

ଦେହରେ ଭୋକର ଶିକାର ହୋଇ

କୋମଳ ଦେହରେ ତା'ର ବଜ୍ରାଘାତ ପଡେ

ସେତେବେଳେ ଝିଅଟି

ମୂକ ଭଗବାନ ପରି

ହୃଦୟରେ ଆତ୍ମାରେ ଚିତ୍କାର କରେ

ବନ୍ଦକର !

ବସ୍ତ୍ରକୁ ନେଇ ଯୁଦ୍ଧ

ବାଲୁତ କନ୍ୟା ଈଶ୍ୱରଙ୍କ ରୂପ...

ସେମାନେ ମତେ ନୁହେଁ

ସେମାନେ ମତେ ନୁହେଁ

ବାରମ୍ବାର ଈଶ୍ୱରଙ୍କୁ କରିଛନ୍ତି ବଳାତ୍କାର !

ସେତେବେଳେ ସତରେ

ଈଶ୍ୱରଙ୍କ ଦେହସାରା ଦିଶୁଥାଏ

ଲାଲ ରକ୍ତ ଓ ଦନ୍ତାଘାତର ଚିହ୍ନ ...

*****

ଗ୍ରାମ - ନାଇକେନପାଲି,

ପୋଷ୍ଟ - କାଦୋବାହାଲ,

ଜିଲ୍ଲା- ବରଗଡ଼, ପିନ- ୭୬୮୧୦୨

# ନ ହାରିବା ସନମାନ

ଅନାମ ଚରଣ ସାହୁ

ମୋ ଦେଶ ମହାନ ଯାହା ସମ୍ବିଧାନ
ବିଶ୍ୱେ ଲଭେ ଉଚ୍ଚାସନ
କରିବା ଯତନ ପାଳିବା ବଚନ
ଏ ଦେଶର ସର୍ବଜନ ।




ଟ୍ରାଫିକ ନିୟମ ମାନିବା ବହନ
ଧୀରେ ଚଳାଇବା ଗାଡ଼ି
ଜୀବର ଜୀବନ ଅମୂଲ୍ୟ ସମ୍ପଦ
କୁପଥେ ନଯିବା ମାଡ଼ି ।

ପ୍ରଦୂଷଣ ମାନ କରି ପରୀକ୍ଷଣ
ଧରି ଦୁର୍ଘଟଣା ବୀମା
ଚାଳକ ପ୍ରମାଣ ରଖିଥିବା ଜାଣ
ଜାଣି ସିନା ଆମ ସୀମା ।

ସୁରକ୍ଷା କବଚ ପିନ୍ଧିବା, ବାହାନ
ପାଶେ ରଖି ନଥିପତ୍ର
ନ ପିଇବା ସୁରା ଶାନ୍ତି ଚିତ୍ତେ ପରା
ଘୁରି ବୁଲିବା ସର୍ବତ୍ର ।

କଣ୍ଟ ପୁରିଥିଲେ ପକାଇବା ମନେ
କାଗଜ ପତର ମାନ
ମନ ବଳାଇଲେ ନବୀକରଣରେ
ରହିଥିବ ସନମାନ ।


*****

ବିଭୁତିପୁର, କାକଟପୁର, ପୁରୀ

# ଜଳାଞ୍ଜଳି

ସରୋଜ ମହାପାତ୍ର

ବୁଡିବାକୁ ଇଚ୍ଛା ହୁଏ ସାଗରର ଅତଳ ଜଳରେ,
ମାପିବାକୁ ଇଚ୍ଛା ହୁଏ ଗଭୀରତା ତା'ର
ତା ଜଳରାଶି କ'ଣ ସରିପାରେ ?
ଉଡିବାକୁ ହୁଏ ମନ ସୁଦୂର ଆକାଶରେ
ଦେଖିବାକୁ ଇଚ୍ଛା ହୁଏ ଧରିତ୍ରୀ ସୁଷମା
ସତରେ କି ସୌନ୍ଦର୍ଯ୍ୟ
ଭରପୁର ପ୍ରକୃତିରେ !
ଚାଲିବାକୁ ଇଚ୍ଛା ହୁଏ ମରୁପଥ
ଜୀବନର ମୂଲ୍ୟ ବୁଝିବାକୁ,
ଭାବନା ମନରେ ସଂଚରିତ
ଅନେକ କିଛି କହିବାକୁ,



ସମସ୍ତ ହୃଦୟ କଥା

ଅଙ୍ଗେଲିଭା ସବୁ ବ୍ୟଥା,

ଆଜିବି ମନ ଭିତରେ ଅନେକ ସ୍ୱପ୍ନ

ରହିବାକୁ ତୁମରି ପାଖରେ

ଘର ତୋଳି ବେଳାଭୂମିରେ ।

ଖୋଜୁଥାଏ ନିତି ସ୍ମୃତିକୁ ଯତ୍ନରେ

ରାତିର ଅନ୍ଧାରରେ

ନିଜକୁ ନିଜେ ମୁଁ ଖୋଜି ପାଏନାହିଁ

ହୃଦୟ କୋହରେ ଭରେ,

ହଜିଯାଏ ମନ ତୁମ ଭବନାରେ

ମୁଁ ନିରବ ହେବା ପରେ

ସବୁ କିଛି ଜଳାଞ୍ଜଳି ଦେଇ

ତୁମକୁ ପ୍ରତୀକ୍ଷା କରେ

ତୁମକୁ ପ୍ରତୀକ୍ଷା କରେ ।


*****

ଯଶୋବନ୍ତପୁର , ଜଗତସିଂହପୁର

# ରଫ୍ ଖାତା

ଶୁଭଲକ୍ଷ୍ମୀ ବିରଞ୍ଚି ଦାସ

ବିକଳ୍ପ ବୋଲି ଅନେକ ମୂଲ୍ୟବାନ ତୁ
କେତେବେଳେ ବି ତୋ'ର ଉପସ୍ଥିତି ଖୋଜା ପଡେ
କେବେ ଶିକ୍ଷକଙ୍କ ବେତ ପାହାରର ତ୍ରାଣକର୍ତ୍ତା
କେବେ ତୋ ଖାଲି ଫର୍ଦ୍ଦରେ ଛକି-ଶୂନ ଖେଳର ପ୍ରତିଯୋଗିତା
କେବେ କାଗଜ ଡଙ୍ଗା ହୋଇ ଭାସି ଯାଉ
କେବେ ଅଭିମାନୀ ପ୍ରିୟାକୁ ମୋ ପ୍ରେମର ସାକ୍ଷୀ ଦେଉ
କେବେ ମୋ କବି ପ୍ରତିଭାର ପ୍ରମାଣ ତୁ
ଅନେକ ଚିର ସ୍ମରଣୀୟ ମୁହୁର୍ତ୍ତର ମୂକସାକ୍ଷୀ ତୁ
କେମିତି ଭୁଲିବି ତୋତେ........
ସ୍ୱାର୍ଥହୀନ ଏକମାତ୍ର ବିଶ୍ୱାସୀ ପ୍ରିୟ ବନ୍ଧୁ ତୁ ।



*****

ସି.ଡି.ଏ, କଟକ

# ଇଂରାଜୀ ନବବର୍ଷ

ପ୍ରିୟଦର୍ଶିନୀ ମହାନ୍ତି

ଆଧୁନିକତାର ଛାପରେ,
ମଦ, ମାଂସର ଉତ୍କଟ ଗନ୍ଧରେ,
ସବୁ ସୀମା ସରହଦ ବାହାରେ...
ମଉଜ ହୁଏ ନବବର୍ଷ ।

ଆନ୍ତରିକତାରେ ନୁହେଁ,
ହ୍ୱାଟ୍ସଆପ, ଫେସବୁକ ପଡ଼ିଆରେ,
ସନ୍ଦେଶ ବିନିମୟରେ...
ଚାଲିଆସେ ନବବର୍ଷ ।



ବାର୍, ପପ୍'ର ରଙ୍ଗୀନ ମଇଦାନରେ,
ଜିରୋ ନାଇଟ୍'ର ଆସରରେ,
ଅଶ୍ଳୀଳ ସଙ୍ଗୀତର ବେପରୁଆ ତାଳରେ...
ସ୍ୱାଗତ ହୁଏ ନବବର୍ଷ ।

ଧୂମା ଆଲୁଆର ବେହାଲ ପଣରେ,
ଜୁଆ ଆଉ ଯୌବନ ନିଶାରେ,
ଆସି ପୁଣି ଚାଲିଯାଏ...
ନିଆରା ନବବର୍ଷ ।

ପାଶ୍ଚାତ୍ୟ ସଂସ୍କୃତିର ସୁଅରେ,
ଭାସିଯାଉ ଅନାୟାସରେ,
ପାଳୁଥାଉ ନିଜ ଢଙ୍ଗରେ..
ଇଂରାଜୀ ନବବର୍ଷ ।

*****

ଭୁବନେଶ୍ୱର

# କବିତା

ଯୁଧିଷ୍ଠିର ଖମାରୀ

ଆଜି ଲେଖୁଛି ଲେଖୁଥିବି କବିତା

ହୃଦୟର ଭାଷା, ମନର ଆଶାକୁ ନେଇ

ଶବ୍ଦ ସଂଯୋଜନା କରୁଛି

ଗାନ୍ଧୀ ଟାଗୋର ଭଳି ମହାତ୍ମାଙ୍କ କାହାଣୀ


ଲେଖୁଛି ମୋ କଥା ତୁମକଥା

ମୋ ହୃଦୟ, ତୁମ ହୃଦୟର ଭାଷାକୁ

ହେଲେ କିଏ ଜାଣେ ସେ ପୃଥ୍ୱୀ ଉପରେ

ଦିନେ ଜୟଗାନ କରିବ ନାଁ ନାହିଁ

ହେଲେ ଲେଖିବି ନିହାତି ଭାବରେ



ଯେଉଁଠି ଥିବ ସତ୍ୟ, ଶିବ ଆଉ ସୁନ୍ଦର

କବିତା ଅଯୋନିଜ

ହେଲେ ବି ସମୟ ଆସିବ ସିଏ କଥା କହିବ

ଦିନେ ନିଶ୍ଚୟ ଆସି ହୃଦୟ ଛୁଇଁବ

ହେଲେ

ସେତେବେଳେ

ମୁଁ ଥିବି କି ନ ଥିବି

ଏତିକି ସନ୍ଦେହ ।

*****

ଗାୟତ୍ରୀ ଆବାସିକ ଶିକ୍ଷା

ନିକେତନ ବୀରମହାରାଜପୁର,

ସୋନପୁର

# ରାକ୍ଷସ

ପ୍ରଜ୍ଞା ପଦ୍ମିନୀ

ଦରକାର ବେଳେ ସବୁ ନିଜର
ନିଜର ପାଇଁ ସବୁ ପର..
ଆତ୍ମଘାତୀ ଦୁନିଆଁର,
ଆତ୍ମଘାତକ ମନୁଷ୍ୟ
ନର ନୁହେଁ ସେ ରାକ୍ଷସ..
ରାକ୍ଷସ ସିନା କରିଥିଲା
ସୀତାର ଅପହରଣ
ହେଲେ ଆଜିର ରାକ୍ଷସ
ଝୁଣୁଛି ରକ୍ତ, ପୋଡୁଛି ଶବ !



କାହିଁ ଗଲେ ଭଗବାନ  ?

ଦ୍ରୌପଦୀ ପାଇଁ ସିନା ଶ୍ରୀକୃଷ୍ଣ ଥିଲେ

ଆଜିର ଦ୍ରୌପଦୀ ପାଇଁ,

ନା ଅଛି ଭଗବାନ, ନା ଅଛି ଗର୍ଭନର

ସବୁ ଭିନ୍ନ ଭିନ୍ନ ମୁଖା ଆଢୁଆଳର


ଆତ୍ମଘାତୀ ରାକ୍ଷସ  !!

*****

ସୁନ୍ଦରଗଡ଼

# କେହିଜଣେ

ଅର୍ଘ୍ୟରୂପା ସ୍ୱାଇଁ



ଆତୁର ଚିତ୍କାର ଶୁଭେ ଦିଲ୍ଲୀଠୁ ପଲ୍ଲୀ
କୋମଳ ଶିଶୁ, ନାବାଳିକା ଅବା ଯୁବତୀ ।
ସାକ୍ଷରତା, ନିରକ୍ଷରତାର ପରିସୀମା ଡେଇଁ
ପୋଷାକ, ପରିଚ୍ଛେଦ, ରଙ୍ଗ ରୂପର ଊର୍ଦ୍ଧ୍ୱରେ
ଜୀବନର ସର୍ବସ୍ୱ ହରାଏ କାହାର କାମନାଗ୍ନିରେ
ମିଛ ସବୁ ସରସ୍ୱତୀ, ଲକ୍ଷ୍ମୀ, ଦୁର୍ଗାଙ୍କ ସହ ତୁଳନା
ଲୋତକ ଝରିଯାଏ, ଜୀବନର ସବୁ ସରିଯାଏ
ନା ସେ ପୋଛିପାରେ ତା ବାପା, ମା'ଙ୍କ ହୃଦୟର କୋହ
ଲାଗିଯାଏ ଚରିତ୍ରରେ ଅଲିଭା ଏକ ଦାଗ

ଆତ୍ମହତ୍ୟା ହୁଏ ଶେଷ ଉପାୟ

ନହେଲେ ତା' ଦେହକୁ ପୋଡି ଦିଆଯାଏ

ଚାଲେ ତା'ର ଚରିତ୍ରର ଗାଁ ହାଟରେ ଚର୍ଚ୍ଚା

ମଲାଜହ୍ନର କାହାଣୀ ଲେଖାହୁଏ

ନାରୀସୁରକ୍ଷାର କିଛିଦିନ ଗୁଞ୍ଜରଣ ଶୁଭେ

ଗଣମାଧ୍ୟମକୁ ନୂତନ ରୋମାଞ୍ଚକର ବିଷୟ ମିଳିଯାଏ

ବିରୋଧୀଙ୍କୁ ମିଳିଯାଏ ଶାସକଙ୍କୁ କହିବାର ସୁଯୋଗ

କିଛି ଦିନ ମାହୋଲ ସରଗରମ ହୋଇଯାଏ

ସବୁକିଛି ଶାନ୍ତ ହୋଇଯାଏ କିଛି ସମୟ ପରେ

ନ୍ୟାୟ ମିଳୁ କି ନମିଳୁ, ଅଧର୍ମରେ କାହା ସ୍ୱଧର୍ମ ଲୁଚୁ ପଛେ

ସବୁକିଛି ତ ଭୁଲି ହୋଇଯାଏ ନା,

କ'ଣ ତୁମେ ମନେରଖ ସବୁ ?

ଗୋଟିଏ ଅତୀତ ଯାହା ଅତୀତ ହୋଇଯାଏ ।

ହେଲେ ଆମେ ସାଜିଯାଉ ନିରବ ଦର୍ଶକ ସେମାନଙ୍କ ପାଇଁ
ଆଉ ସେମାନେ ପାଲଟି ଯାଆନ୍ତି ଆମମାନଙ୍କ ପାଇଁ ଅଜଣା
"କେହିଜଣେ" ।

*****

ଢେଙ୍କାନାଳ

# ଅନାଦି ଅନନ୍ତ

ଅବିନାଶ ବେହେରା



ଅନାଦି ଅନନ୍ତ ଆରାଧ୍ୟ ମୋହର
ଯାହା ସବୁ ଅଛି ତୁମ ଉପହାର ।
ତୁମ ହାତେ ଜଗତର ଭାଗ୍ୟ ଡୋର
ତୁମେ ସଭିଙ୍କର ସଖା ସହୋଦର ।
ଅଭିରାମ ଅବିନାଶୀ ଲିଳାମୟ
ତୁମେ ସ୍ୱୟଂ ନାରାୟଣ କୃପାମୟ ।
କରୁଣାକର ଆହେ ପରମେଶ୍ୱର
ପ୍ରାଣୀଙ୍କ ଦୁଃଖକୁ ହର ହରିହର ।
ସାରା ସଂସାରର ପାଳନ କରତା
ତୁମେ ସତ୍ୟ ସ୍ୱରୂପ ଆହେ ବିଧାତା ।

ତୁମେ ଦାରୁବ୍ରହ୍ମ ଜଗତର ନାଥ

କୁପଥୁ ଦୂରେଇ ଦେଖାଅ ସୁପଥ ।

ସବୁଠାରେ ତୁମେ ଅଛ ବିଦ୍ୟମାନ

ତୁମେ ବଳରାମ ସତ୍ୟ ସନାତନ ।

ବିଶ୍ୱର ନିୟନ୍ତା ଆହେ ଦୀନବନ୍ଧୁ

ତୁମେ ପରମ ଦରଦି କୃପାସିନ୍ଧୁ ।

ତୁମ ପାଦପଦ୍ମେ ଦେଇ ଟିକେ ସ୍ଥାନ

ଭବସାଗରୁ ଉଦ୍ଧାର ମୋ ଜୀବନ ।

*****

ସଂସ୍କୃତ ଶିକ୍ଷକ,
କୁଜିଡିହୀ ସରକାରୀ ଉଚ୍ଚ ବିଦ୍ୟାଳୟ,
ମୟୂରଭଞ୍ଜ

# ସ୍ୱପ୍ନ

ନିରୁପମା ନାୟକ



ସତ ହୁଏ କି ନା ...? ମୁଁ ଜାଣେନା
କିନ୍ତୁ ଦେଖିଚାଲେ...
ହୃଦୟର ଶୂନ୍ୟ ପୃଷ୍ଠାରେ....ଆଶା ଅସୁମାରୀ
ମୁଁ ଲେଖିଚାଲେ...

କେବେ ନିଦର ସହରରେ ତ କେବେ
ଖୋଲା ଆଖିରେ ଦ୍ୱିପ୍ରହରରେ...
ହଜିଯାଏ କେବେ ତା' ସ୍ରୋତରେ ତ
ଲୁଚିଯାଏ କେବେ ଏକ ସୁନ୍ଦର ନଅରରେ...

ଯେତେ ଦେଖୁଥାଏ କିଛି ଶିଖୁଥାଏ,
ସତ କରିବା ପାଇଁ ଚେଷ୍ଟା ବି କରୁଥାଏ
ଏଇ ସ୍ୱପ୍ନ ହିଁ ମୋ ଆତ୍ମବିଶ୍ୱାସକୁ ବଢାଏ..
ପ୍ରାପ୍ତ କରିବା ଲାଗି ମନ ନିଇତି ଝୁରୁଥାଏ...

ଆଖିର ବନ୍ଧୁ ସେ ପାଲଟି ଯାଇଛି
ନିଦର ସିନ୍ଧୁରୁ ଉଭା
କେତେ ରୋଚକ ତା' ଆବିର୍ଭାବ
ଛବି ତା'ର ଅତି ମନଲୋଭା...

ସୂର୍ଯ୍ୟୋଦୟର ଆଲୋକରେ ସେ
ଫେରିଯାଏ ତା' ନିଡ଼କୁ
ଠେଲି ଦିଏ ମତେ ପୁଣି
ଜନ ଚଂଚଳର ଭିଡ଼କୁ...

ରଜନୀର ଅପେକ୍ଷାରେ ଯେମିତି
ସିଏ ବି ଅସ୍ତବ୍ୟସ୍ତ ହୁଏ

ସୟନେ ସପନ ସାଜି

ମତେ ପୁଣି ଆପଣାଇ ନିଏ

ସତ ହେବ କି ନା....? ମୁଁ ଜାଣେନା

କିନ୍ତୁ ଦେଖିଚାଲେ....

ପୁଣି ହୃଦୟର ଶୂନ୍ୟ ପୃଷ୍ଠାରେ....ଆଶା ଅସୁମାରୀ

ମୁଁ ଲେଖିଚାଲେ....

*****


ରାଜଗାଙ୍ଗପୁର, ସୁନ୍ଦରଗଡ

# ବିଦୁର ବୀର୍ଯ୍ୟସୁତ

ଅମ୍ରିତେଶ ଖଟୁଆ

ଶତ-ଦୁର୍ଗ-ପ୍ରାସ ଦୁର୍ଗମ-କାନନେ,
ଫେଇଛନ୍ତି ସେ ତୂଣୀର,
ତୂଳିକା ତ୍ୟଜିଲା ତିମିରିତ ତନ୍ଦ୍ରା
ରଚିଲା ଶୋଣିତ ଯା'ର ।

ଧରଣୀ ବକ୍ଷ, ସଘନ-ବନ-ରୁକ୍ଷ-ପ୍ରାନ୍ତର
ଦୋଦୁଲ୍ୟମାନା ! ଦେଦୀପ୍ୟମାନା ବରଜ୍ୟୋତି !
ଧୂସରିତ-ମନ୍ଦ୍ରନାଦ-ଘୋଷା ପରବତେ
ସ୍ୟନ୍ଦନ ଧରି ଉପବେଶି କୁଟୀର ଯୌବନେ,



ଖେଳାଇ ବ୍ୟସନ ପଞ୍ଜଳ ଭଗ୍ନ କରି
ଦିବ୍ୟ ପରତେ ଅବନତ ଅବନୀ ଅଗନାଅଗନି ବନସ୍ତେ !

ତୋଳିନେଇ ଧୀରେ ପ୍ରସ୍ତର-ଦୁକୁଳେ
ମୃତ୍ୟୁବ୍ୟଞ୍ଜନା ! ବଜାଏ ନାହିଁ ଆଉ ଦମ୍ଭେ
ସେ ରସନା ଅତଳେ କାତରପ୍ରାଣ ବନ୍ଦନା,
କ୍ଷୁଦ୍ର ଏକ ଜାତିର ମରଣ ପୂର୍ବାଳି
ଅନାଗତ ଫଲଗୁ ଲେହିଲା ଅଙ୍ଗନେ !

ବରବୃକ୍ଷ ଯା'ର ରକତ ଘ୍ରାଣିଲା
ଯୁଗଯୁଗାନ୍ତ-କାନ୍ତ-ଏକାନ୍ତେ !
ସେ ବୀର-କାଦମ୍ବରୀ ଲୋହିତ ହେଲାନି,
ଅରୁଣିମା କୁଟୀର ପ୍ରାଙ୍ଗଣେ ସାମନ୍ତରାୟେ
ଏକାକିନୀର ମନ୍ଦ୍ର ସଙ୍ଗୀତ ବୀଥିକା
ଭଗ୍ନକଲା ନିରୁଦ୍ୟମର ଚକ୍ରାନ୍ତ,
ବୁହାଏ ରତକାରେ, ଅନ୍ତରତମେ

ଦୁର୍ବାର ଅଭିସାରର ଅଭିସନ୍ଧି

ରକତ ନେଫେଡେଇ ବାନ୍ଧି !

ତା' କ୍ରୋଟରେ ବସିଛି ସର୍ପିଳ ନୟନେ

ଉଲ୍ଲୁକର ସେ ଟେରା କାଣ

ଚାହାଣୀ କତିପୟ,

ବାରିଦିଏ କେତେ ଆଶ୍ଲେଷ କରିଛି

ସେହୁ ହୃଦୟ ମଧ୍ୟରେ ଆପଣାପଣର

ଏପରି କେତେକ ଶରବ୍ୟ, ବର୍ଣ୍ଣାଢ୍ୟ

ବିସ୍ମୟର ପ୍ରତିବନ୍ଧ ରୋଶଣୀ,

ଭାଜିଦିଏ ଯିଏ

ଏକାକିନୀର ସଙ୍ଗୀତ ଟୋପାଏ !

*****

୨୩୭, ଫେଜ୍ - ୨, କାନନ ବିହାର, ପଟିଆ,

ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୪

# ଜୟ ଶ୍ରୀରାଧାକୃଷ୍ଣ

କବିରତ୍ନ  ନୂତନ କୁମାର ବେହେରା

ବନ୍ଦେ ତୁମ ଶ୍ରୀଚରଣ


ହେ ରାଧାରମଣ,

ଦୁଇ ଅଙ୍ଗେ ଏକ ପ୍ରାଣ

କରୁଛି ଜଣାଣ,

ଆଦି ଅନାଦି କାରଣ

ଦିଅ ହେ ଶରଣ ।



ମନ ବୃନ୍ଦାବନେ ରାସ

ପ୍ରାଣେ ଭରେ ରସ,

ନିତ୍ୟ ରଜନୀ ଦିବସ

ହୃଦୟେ  ପରଶ,

ପାପ କର ତୁମେ ନାଶ

ଓଠେ ଦିଅ ହସ ।

ସଂସାର ସାଗର ଜଳେ

ଦୁଃଖ ଊର୍ମି ଖେଳେ,

ସୁଖ ବୋଲି ଯା'କୁ ଭାଳେ

ପରିବାର ମେଳେ,

ତୁମ ଆଶିଷରୁ ମିଳେ

ଭବେ ଅବିରଳେ ।

ଅନାବିଳ ଭକ୍ତି ପ୍ରେମେ

ରହି ଧରାଧାମେ,

ଅନୁଭବ କରେ ମର୍ମେ

ପାଳି ସ୍ୱ ଧରମେ,

ଦିଅ ଜନମେ ଜନମେ

ମୋ ଭାଗ୍ୟ କରମେ ।

ଜୟ ହେ ଶ୍ରୀରାଧାକୃଷ୍ଣ

ତୁମ ପାଦେ ଧ୍ୟାନ,

କରୁଅଛି ନିତିଦିନ

ଧରି ଏ ଜୀବନ,

ତୁମେ ତ ନିତ୍ୟ ନୂତନ

ସତ୍ୟ ସନାତନ ।

*****

କୋହି, ଗଡ଼ିଆ, ମୟୂରଭଞ୍ଜ

# ବଣଭୋଜି ପାଇଁ ଯୋଜନା

ରମେଶ ଚନ୍ଦ୍ର ବେହେରା

ଆସି ଯାଇଛି ବଣଭୋଜିର ଋତୁ
ଆସ ଆମେ ବଣଭୋଜି ପାଇଁ
ଯୋଜନା କରିବା
ନୂତନ ବର୍ଷର ଆଗମନ
ଚଳଚଞ୍ଚଳ ଗାଁ ଠୁଁ ସହର
ପରିବେଶର ସୌନ୍ଦର୍ଯ୍ୟ,
ସବୁଜିମାରେ ରଙ୍ଗେଇ ହୋଇ
ଖୁସିକୁ ଦ୍ୱିଗୁଣିତ କରୁଛି ।



ଶୀତର ଲହରୀ ମନକୁ ଅଥୟ କରୁଛି

ନା ଅଛି ସୂର୍ଯ୍ୟର ପରାକ୍ରମ

ନା ଅଛି ବାଦଲ

ଚତୁର୍ଦ୍ଦିଗ କୁହୁଡ଼ିର ଚାଦର

ବିଛେଇ ହୋଇଯାଇଛି

ଘାସ ପତ୍ରରେ କାକର ବିନ୍ଦୁର

ସୁନ୍ଦରତା ମନକୁ ଆକୃଷ୍ଟ କରୁଛି

ପ୍ରକୃତି ରାଣୀ ଅଭିନନ୍ଦନ

କରିବା ପାଇଁ ନିଜକୁ

ପ୍ରସ୍ତୁତି କରିଦେଇଛି

ଆସ ଆମେ ବଣଭୋଜି ପାଇଁ

ଯୋଜନା କରିବା

ଏକାଠି ରାନ୍ଧିବା, ଏକାଠି ଖାଇବା

ଏକାଠି ବସିବା, ଏକାଠି ଗପିବା

କର୍ମମୟ ଜୀବନରୁ କିଛି ସମୟ ପାଇଁ

ଅବକାଶ ନେବା

ଝରଣାର କୁଳୁକୁଳୁ ନାଦରେ

ନିଜକୁ ହଜାଇ ଦେବା

ଜଞ୍ଜାଳମୟ ସଂସାରରୁ

କିଛି ମୁହୂର୍ତ୍ତ ମୁକ୍ତି ହେବା

ଆସ ଆମେ ବଣଭୋଜି ପାଇଁ

ଯୋଜନା କରିବା ।

*****

ବାଟି, ସିମୁଳିଆ,

ବାଲେଶ୍ୱର



# ତୁମେ ଆସିଲ

ଆଶୁତୋଷ ସ୍ୱାଇଁ

ଶୀତର ପହିଲି ସ୍ପର୍ଶ
ଦ୍ୱାର ଖୋଲୁ ଖୋଲୁ
କୁହୁଡି ବର୍ଷାକରି
ଭେଟିଦିଏ ମୁକ୍ତାର ଆଂଜୁଳି



ନୂଆ ସକାଳ
ନୂଆ ଅନୁଭବ
ମନରେ ଆଶା ଓ ଆଶଙ୍କା
ସୃଷ୍ଟିହୁଏ ଉନ୍ମାଦନା

ମନରେ ଅସୁମାରୀ ଢେଉ
ପହିଲି କିରଣ କ'ଣ ହୋଇପାରେ ?
ଆନ୍ଦୋଳିତ ହୁଏ ପ୍ରଶ୍ନମାନ
ନବୀନ ସୂର୍ଯ୍ୟ କ'ଣ ଆଣିପାରେ ?

ଏ ଲୁଚକାଳି ଖେଳର କ'ଣ ଅନ୍ତ ନାହିଁ ?
ନିଆରା ସେ ଅନୁଭବ
କିଛି ଅପାସୋରା ସ୍ମୃତି
ଭାରି ଆନମନା ଏ ମନ

ଚାହିଁରହିଥାଏ ତୁମ ବାଟକୁ
ତୁମେ ନିଶ୍ଚୟ ଆସିବ
ତୁଳୀମୁନରେ ଆଙ୍କୁଥାଏ
ତୁମର ପ୍ରତିଛବି

ଏ ପ୍ରତିକ୍ଷାର ଅନ୍ତ ଘଟନ୍ତାନି ?
ଭାରି ଅମାନିଆ ଏ ପ୍ରେମ ମୋର
ଆଉ ଭାରି ମନୋଇ
ମୋ ଅଭିମାନିନୀ

ଦୁଆର ଖୋଲିଲିତୁମେ ଆସିଛ
ସତରେ ! ପ୍ରୀତି ପାଳିବା ଟା
ବିଷମ ଧନ୍ଦା
ସେ ଯାହା ହଉ ତୁମେ ଆସିଲ

ଅସରନ୍ତି ଆନନ୍ଦ
ମୋ ପ୍ରେମ ବଗିଚାରୁ
ଗୋଲାପ ତୋଳିଲି
ତୁମକୁ ଭେଟିବି

ତୁମ ଲାଜ ଲାଜ ଆଖି
କେତେ ଯେ ନିରିମାଖି
ଜୀବନର ରଙ୍ଗୀନ୍ ଫର୍ଦ୍ଦରେ
ତୁମର ସ୍ୱାକ୍ଷର

ସ୍ମୃତିର ଲହରୀ
ମନରେ ଶୀହରଣ
ତୁମ ଆଗମନରେ
ସତେଜ ହୋଇଉଠେ

ସତରେ କ'ଣ ତୁମେ ଆସିଛ
ମୋ ହୃଦ ଉପବନେ
ବିଶ୍ୱାସ ନହେଲେ ବି ସତ !!
ସୃଜନୀ ପୃଷ୍ଠାରେ ସୁବର୍ଣ୍ଣ ସ୍ୱାକ୍ଷର

ପହିଲି ବର୍ଷାରେ ମାଟିର ବାସ୍ନା
ହୃଦ-ସ୍ପନ୍ଦନକୁ କରେ ଦ୍ୱିଗୁଣିତ
ସ୍ୱପ୍ନର ସଫଳତା
ନୂଆ ପ୍ରାଣର ସଂଚାର

ମତ୍ତ ହୁଏ ମନ ମୋର
ତୁମର ସେଇ କେଇପଦ କଥା ପାଇଁ
ପହିଲି ସୂର୍ଯ୍ୟ କ'ଣ ଏତେ ଶୁଭଙ୍କର
ଏକ ନବୀନ ଜୀବନର ପ୍ରାରମ୍ଭ


*****

ଦାନ୍ତୁଆଳ, ଜଗତସିଂହପୁର

# ଠିକଣା

ହୃଦୟାନନ୍ଦ ପଧାନ

ହଜି ଯାଇଥିବା ଠିକଣା ସତରେ କେବେ ମିଳେନି
କି ଭାଙ୍ଗି ଯାଇଥିବା ହୃଦୟ ବି କେବେ ଯୋଡି ହୁଏନି ।
ଧର୍ମପଦ ବି ଦିନେ ଚାଲିଗଲା ଠିକଣା ନଦେଇ
ରଖିଗଲା ତା' ସ୍ମୃତିର କୋଣାର୍କ ଟିକିଏ ହସେଇ ।
ସେଦିନ ବି ଖୋଜୁଥିଲା କର୍ଣ୍ଣ ଆକାଶକୁ ଅନାଇ
ତା' ଜନ୍ମ ବୃତାନ୍ତର ଠିକଣା କିନ୍ତୁ ପାଇଲା ନାହିଁ ।
କେତେ ଯେ ଆଜି ସାଥେ ନିକ୍ଷେପିତ - ଅବହେଳିତ
ନିଜ ନିଜ ଠିକଣା ହଜେଇ ପୁଣି କାହିଁକି କଳଙ୍କିତ ।



ସମସ୍ତେ ଆଜି ଦିଶାହରାଇ ଠିକଣା ନ ପାଇ

କିଏ ଖୋଜ ମା'କୁ ତ କିଏ ପୁଣି ବାପା-ଭାଇ ।

କୋଉଠି ମିଳେ ଠିକଣା ତ କୋଉଠି ମିଳେନି

କେବଳ ଆଶା ନିରାଶାର କରୁଣ କ୍ରନ୍ଦନ ଧ୍ୱନି ।

କେହି ଜଣେ ଯଦି ପଚାରେ ଭଗବାନ କୋଉଠି

ତାଙ୍କୁ କୋଉ ଠିକଣା ଦେବି ମନ୍ଦିର ନା ମସଜିଦ୍ ।

*****


ଅମରପାଲି, ବୀରମହାରାଜପୁର

ସୁବର୍ଣ୍ଣପୁର

# ଉଠ ଜାଗ୍ରତ ହୁଅ ହେ ନାରୀ ଜାତି

ତପସ୍ୱିନୀ ଦାଶ ଷଡଙ୍ଗୀ

ଉଠ ଜାଗ୍ରତ ହୁଅ ହେ ନାରୀ ଜାତି
ଛାଡିଦିଅ ତୁମର ସେ ତ୍ୟାଗମୟୀ ରୂପ
ଭୁଲିଯାଅ ତୁମର ସେ ସର୍ବଂସହା ଗୁଣ
ଧରି ନିଅ ଧରି ନିଅ ସଂହାର କାରିଣୀର ବେଶ
ସହିବାର ସୀମା ଟପିଗଲା ତା' ଲକ୍ଷ୍ମଣରେଖା
କାହିଁକି କରୁଥିବୁ ତୋ'ର ସତୀତ୍ୱର ବାଖ୍ୟା ।
ଉଠ ଜାଗ୍ରତ ହୁଅ ହେ ନାରୀ ଜାତି
ଜବାବ ଦିଅ ତୁମେ ନୁହେଁ ଅବଳା
ପ୍ରମାଣ କର ତୁମେ ନୁହେଁ ଦୁର୍ବଳା



ସଂହାର କର ଯିଏ କରିଛି ତୁମ ଶରୀରକୁ ଆଖଡା

ଏ ସମାଜର ରାସ୍ତା ହୋଇଛି ବଡ଼ ଖସଡା ।

ଉଠ ଜାଗ୍ରତ ହୁଅ ହେ ନାରୀ ଜାତି

କହିଦିଅ ତୁମେ ନୁହେଁ ପତିତା

ଜଣାଇଦିଅ ତୁମେ ନୁହେଁ ଲାଞ୍ଛିତା

ଦେଖାଇଦିଅ ତୁମ ମଧ୍ୟେ ମହିଷାମର୍ଦ୍ଦିନୀର ଉଗ୍ର ରୂପ

ତୁମେ ବି ଲକ୍ଷ୍ମୀବାଈ ଫୁଲନ୍ ଦେବୀଠାରୁ ତଦୃପ ।

ଉଠ ଜାଗ୍ରତ ହୁଅ ହେ ନାରୀ ଜାତି

ପଚାର ଏ ସମାଜକୁ କାହିଁକି ଏ ଅତ୍ୟାଚାର

ଉତ୍ତର ମାଗ ଏ କି ପ୍ରକାର ବ୍ୟଭିଚାର

ସ୍ୱର ଉଠାଅ ସ୍ୱର ଉଠାଅ ଏ ତାଡ଼ନା ବିରୋଧରେ

ଜଠରରୁ ଜୁଇ ଯାଏଁ ଶୋଇନାହଁ ଶାନ୍ତିର ନିଦ୍ରାରେ ।

ଉଠ ଜାଗ୍ରତ ହୁଅ ନାରୀ ଜାତି ।

*****

ବେଙ୍ଗାଲୁରୁ

# ନବ ବରଷ

କୃଷ୍ଣ ଚନ୍ଦ୍ର ଡାକୁଆ

ଚାହୁଁ ଚାହୁଁ ବିତିଗଲା ମୋର ବରଷାଟା
ଦେଇଦେଲା କେତେ ସ୍ମୃତି ଅନୁଭୂତି
ଜୀବନ ରାସ୍ତାରେ ଦୁଃଖ କଷ୍ଟ ସହି
ବଞ୍ଚିବାକୁ ହେବ ଶିଖାଇ ଦେଲା ଏ ନିତି
ସତ କହିବାଟା ଏଠି ବଡ଼ ଅପରାଧ
ମିଛ ତ ଜଗତେ ପୁଣ୍ୟ
ସତ କହିଦେଲେ
ଶତ୍ରୁ ହୋଇଯିବ
ମିଛ ତ କହିଲେ ବନ୍ଧୁ

ଏ ଭବସାଗରେ ସଭିଙ୍କୁ

ସଦବୁଦ୍ଧି ଦିଅହେ

ଆହେ ଦୟାମୟ ଦୀନବନ୍ଧୁ

ନବ ବରଷରେ ସଭିଙ୍କ

ନୂଆଁ ଜୀବନ ଭଲରେ ଆରମ୍ଭ ହେଉ

ଜୀବନ ନୌକା ବାଧା ବିଘ୍ନ ବିହୁନେ

ପ୍ରଗତି ପଥରେ ଆଗେଇ ଯାଉ

ଏହା ହିଁ ମୋ ଗୁହାରି ଆହେ ମହାବାହୁ ......!!

ଜୟ ଜଗନ୍ନାଥ... ପ୍ରଣାମ ।

*****

କରଚୁଲି(ବୁଗୁଡ଼ା), ଗଞ୍ଜାମ

# ଥୁଣ୍ଟାଗଛ

ଶିବ ଚରଣ ମହାପାତ୍ର

ଭାବି ନଥିବ ତୁମେ..!
ତୁମେ ବି ଦିନେ ମୋ ପରି ଶୂନ୍ୟ ହସ୍ତା ହେବ
ଆକାଶକୁ ଚାହିଁ..!
ଆକାଶର ସବୁଜ ପତ୍ର ଗହଳିରେ
ଅଣନିଶ୍ୱାସୀ ହୋଇ ଖୋଜୁଥିବ
ଆଶ୍ୱାସନା ଛାଇ..!!

ଭାବି ନଥିବ କେବେ
ମଧ୍ୟାହ୍ନରେ ବୁଡିପାରେ ଯୌବନ ସୁରୁଜ
ଆଖି ଲୁହ ଛାତି କୋହ ସଙ୍ଗେ ସନ୍ଧି କରି



ବୁଣି ପାରନ୍ତି
ଅସରନ୍ତି ହସର ମୁରୁଜ.!!

ଭାବି ନଥିବ
ଅନାସ୍ଥା ପ୍ରସ୍ତାବ ନେଇ
ଧାନକ୍ଷେତରେ ଆସିପାରେ ଲଘୁଚାପ ଝଡ
ଋଣଭାର ବୋଝରେ ଚକଡା ପୋକ
ଭାଙ୍ଗି ପାରନ୍ତି
କୃଷକ'ର ହସ ଫୁଲ ଦମ୍ଭ ଆଉ
ସାମର୍ଥ୍ୟ କାନ୍ଧହାଡ.!!

ଭାବି ନଥିବ କେବେ.!!
ଏଠି ଦାନ ମାଝୀ କାନ୍ଧରେ ବିବଶତା ବୁହାହେଲେ
ଲେଖାହୁଏ ବିକାଶର ସୂତ୍ର
ରଇବୁ ଜୁଆଙ୍ଗ ଅନାହାରେ ମଲେ
ଅଙ୍କାହୁଏ ନଗଡା'ର ଚିତ୍ର..!!

କୁନ୍ଦୁଲି ପାଣି ପବନରେ ହାହାକାର ଭରିଗଲେ
ସମ୍ବାଦପତ୍ରରେ ଆହାକାର ଶୁଭେ
ରାଜନୀତି ମୁଖା ତଳେ
କାଉଟିଏ କୋଇଲି ସ୍ୱରେ ରାବେ..!

ହେଲେ ତୁମେ ତ ଥୁଣ୍ଟାଗଛଟେ
ପବନର ବାମ୍ଫା କି
ତୁମ ଗମ୍ଭୀରତା ଭେଦି ପାରିବ..?
ଭିଜାମାଟି ମୋହ କି ଆଉ ତୁମକୁ
ସ୍ୱପ୍ନଭୁକ୍ କରିପାରିବ..?

ତଥାପି
ତୁମେ ନିର୍ଦ୍ୱନ୍ଦରେ ଆପଣେଇନିଅ
ଅଯାଚିତ ସମ୍ମୋହନ..!
ନିଜ ଦେହେ ଆଙ୍କୁଥାଅ

ଅବହେଳିତ ଜୀବନର ଶେଷ ପଦଚିହ୍ନ

ଆଉ ଅବଶିଷ୍ଟ ଆକର୍ଷଣ..!!

ନୀରବରେ ହସୁଥାଅ ମନଖୋଲା ହସ..!

ପ୍ରେମିକଟେ ପରି

ଶୀତ କାକର ଖରା ବର୍ଷା ସବୁ ଏକାକାର କରି

କବିତାରେ ଯୁଝୁଥାଅ ଜୀବନର ଗତି

ଆଉ ପ୍ରେମ ଭାଗଶେଷ..!!

*****

ଚକ୍ରଧରପୁର, କେନ୍ଦୁଝର

# ଅପେକ୍ଷାର ଅନ୍ତ

ସମ୍ବିତ୍ ସତ୍ୟପ୍ରକାଶ ମିଶ୍ର

ବରଷ ସାରା ସେ ଗଡି ଗଡି ଯାଏ,
ରାସ୍ତା କରୁଥାଏ ପାରି,
ନନ୍ଦନ ବନରେ ନୂତନ ଆରମ୍ଭ,
ନବ ସଂକଳ୍ପର ଡୋରି ।୧।

କେତେ ଯେ ସପନ କେତେ ନୂଆ ଆଶା,
ଦେଖୁଥିଲି ମୁଁ ଯେ କାଲି,
ଗଡି ଗଲା ଗାଡ଼ି କେତେ ଘାଟି ଚଢ଼ି,
ପୁରୁଣା କଥାକୁ ଭୁଲି ।୨।

ବଡ଼ଦିନ ଅଛି ବୋଲି,

ଅପେକ୍ଷାର ଅନ୍ତ ଘଟିଲା ହରଷେ,

ଧାନ କାଟିବାକୁ ଗଲି ।୩।

ଶଗଡ଼ ଚକ ଯେ ତଳକୁ ଉପର,

ଦୁଃଖ ପରେ ଅଛି ସୁଖ,

ଡିସେମ୍ବର ଦେଉ ଆନନ୍ଦ ଉଲ୍ଲାସ,

ଦୂର ହେଉ ଭୋକ ଶୋଷ ।୪।

*****

ଗୁଡ଼ିଆନାଳି, ଢେଙ୍କାନାଳ

# ଜଙ୍ଗଲ୍ କେ ଥ୍ୱମା ଛାଁଟି

ଆର୍ତ୍ତତ୍ରାଣ ଖୁର୍ଡିଆ

ମଡେନ୍ ଯୁଗର୍ ସଡନ୍ ଧନ୍ଦା ହୋ
ଦେଖତ ଲୁକର୍ ସଉକି,
ରାସ୍ତା, ଘାଟର ଇ ଗଛ୍ ସବୁ କାଟି
ଟାଉନ କରବେ ସଉକି.

ସୋନପୁର ହେଉ କି ସମଲପୁର୍ ହେଉ
କି ହେଉ ଅବା ବଲାଗିଂର୍ ,
ଚାରହିଆଡେ ଖାଲି ଲଂଡା ଦିଶୁଛେ
ନାଇନ ଗୁଟେ ବି ଡିର୍ .



ଖରାର୍ ମାଡଥି ହେଲାନ ପୁରଥି
ସତେ ପୁଡାଲା ଇଟା ଭାଟି,
ସର୍କାର୍ କହୁଚେ ସାଗୁଆ ଧରତି
ହେଲେ ପ୍ରଶାସନ୍ ଦେଉଛେ କାଟି.

ଦିନକୁ ଗୁଟେ କେତନି କେତେ ବନୁଛେ
ରକମ୍ ରକମର୍ ପ୍ଲାନ୍,
କାର୍ବନ୍ ଡାଇଅକସାଇଡ ବଢି ଚାଲିଛେ
ଖସୁଛେ ଇ ଅମ୍ଳଜାନ୍ .

ଜଲୁଛେ ସହର୍ ଜଲୁଛେ ସବୁ ଗାଁ
ଗଛ୍ ତ ନାଇନ ଗୁଟେ,
ଟିକେ ଅବେଲରେ ସବୁ ଛିନା ଛିନା
କେହି ନାହିଁ ବାଟେ ଘାଟେ.

ଦିଲ୍ଲୀରେ ସର୍କାର ଡିଙ୍ଗରା ପିଟୁଛେ

ଆନିଛେ ଗଙ୍ଗା ମିଶନ୍,

ଶିଖିତ୍ ସବୁ ତ ମୁରୁଖ ପଛାଡେ

ଟିପ ଚିହ୍ନା ମଂତ୍ରି ବନିଛନ୍ .

ସବୁ ଜାନୁଛନ୍ ସବୁ ଶୁନୁଛନ୍

ନାଇନ କାହାର ଗିଆନ୍,

ଗଛ୍ ଲଗାମା ଜୀବନ୍ ବଂଚାମାଁ

କହୁଛନ୍ ସବୁ ସିଆନ୍ .

ହେଲେ କାମରେ ନୁହେଁ ଭାଇ ଇଟା

ତୁଁଡେ କହୁଛନ୍ କଥା,

କଂପାନି ବସବା କମିସନ୍ ମିଲବା

ଜଙ୍ଗଲ୍ କରବେ ଫରଚା.

ପରିବେଶ୍ ଆମର୍ ଧସକି ଯାଉକି

ଜଙ୍ଗଲ୍ ଧସକି ଯାଉ,

ନେତା ମଂତ୍ରିଙ୍କର୍ ପକେଟ୍ ଚିନତା
ଲକ୍ଷ୍ମୀ ଖାଲି ଆସୁ ଥାଉ.

"ମହାନଦୀ" ମିଶନ୍ ଗଛା ଲଗାମା
ସର୍କାର ଦେଉଛେ ନାରା,
'ବିଜୁବାହିନୀ' କହି ବୁଲୁଛନ୍ ଖାଲି
ସାଗୁଆ କରବେ ଧରା.

ସେ ନାରାର୍ ସାଙ୍ଗେ ମିଶିଯିମାଁ ଭାଇ
ଇ ଧରତି ଟା ଯିବା ବଁଚି,
ଆଏଲା ପିଢ଼ିକେ ଉପହାର୍ ହେବା
ଯଦି ଜଙ୍ଗଲ୍ କେ ଥିମା ଛଁଚି
ଯଦି ଜଙ୍ଗଲ୍ କେ ଥିମା ଛଁଚି.


*****

ଗ୍ରାମ - ବଙ୍କିଆ, ପୋ.ଅ -
ମୁର୍ଷୁଣ୍ଡୀ, ଜିଲ୍ଲା - ସୋନପୁର

# ଝରକା

ବିଶ୍ୱନାଥ ନାୟକ

ମନର ଝରକା ଖୋଲିଦିଅ ତୁମ
ବହେ ସୁଲୁସୁଲୁ ବାଆ ।
ସବୁଜ ବନାନୀ ପୁଲକିତ ହୁଏ
ସବୁ ଲାଗେ ନୂଆନୂଆ ।
କେତେ ବା ରହିବ ଅନ୍ଧାରିଆ ଘରେ
ନିଜ ଗଣ୍ଡିଲିକି ଜଗି ।
ବାହାରେ ଗୋଲାପ ଗୋଲାପୀ ହସରେ
ଅନାଇଛି ତୁମଲାଗି ।
ଗୁଣୁଗୁଣୁ ନାଦେ ଝରକା ସେପାଖେ
ମଧୁପ କରଇ ଅଳି ।



ଫୁଲକଳିକାର ପରଶ ପାଇଁକି

ଖୁସିରେ ପଡେ ଉଛୁଳି ।

ଝରକା ଫାଙ୍କରେ ତୁମ ମନଅଳି

ଉଡିଉଡି ଚାଲିଯାଉ ।

ମନମାନସୀର ପରଶ ପାଇଣ

ଆନନ୍ଦେ ମଗନ ହେଉ ।

ବାଦଲ ଉହାଡେ ଡାକୁଛି ଚନ୍ଦ୍ରମା

ବାହାରକୁ ଯିବାପାଇଁ ।

ଜୋଛନା ସରରେ ପହଁରି ପହଁରି

ତୋଳିବାକୁ ନୀଳକଇଁ ।

କାମ, କ୍ରୋଧ, ଲୋଭ, ମୋହ ଦଉଡିରେ

ମନଟା ହୋଇଛି ଛନ୍ଦା ।

ବାହାରେଟି ଦେଖ ମୁକ୍ତିର ଆନନ୍ଦ

ବାଣ୍ଟୁଛି ରଜନୀଗନ୍ଧା ।

ରୁଦ୍ଧ ପଞ୍ଜୁରୀରେ ମନପକ୍ଷୀ ତୁମ

କରୁଛି ପରା ବିଳାପ ।

ଉଡିଯିବାପାଇଁ ଖୋଲା ଆକାଶକୁ

ଆଡେଇ ସଂସାର ତାପ ।

ଘରର ଝରକା ଖୋଲାଅଛି ସତ

ମନ ଝରକାରେ ତାଲା ।

କିପରି ଉଡିବ ମନର ମଇନା

ଆକାଶ ହେଲେବି ଖୋଲା ।

ମୁକ୍ତ ଆକାଶର ବିହଙ୍ଗଟି ତୁମେ

କାହିଁକି ହୋଇଛ ବନ୍ଧା ।

ମନର ଝରକା ଖୋଲି ଉଡିଯାଅ

ଡାକୁଛି ରଜନୀଗନ୍ଧା ।

*****

ପ୍ରାଧ୍ୟାପକ, ଅର୍ଥନୀତି ବିଭାଗ,

ସ୍ୱାମୀ ବିବେକାନନ୍ଦ ସ୍ମାରକ

ମହାବିଦ୍ୟାଳୟ, ଜଗତସିଂହପୁର

# ସଖା ପାଇଁ କଥା ପଦେ

ଲିପ୍ସା ଆଚାର୍ଯ୍ୟ

ସଖା ତମର ସେ କଥା

ଛୁରୀର ଶକ୍ତ ଆଘାତ ଠାରୁ

ଅଧିକ ଗଭୀର ।

ହଁ, ମୁଁ ଜାଣେ

ବୁଝିପାରିବ ନାହିଁ ସେ

ବିରହର ଯାତନାକୁ ତୁମେ ।

ତୁମର ସେ ସନ୍ଦେହ

ଆଖି ଦୁଇଟି

ଅଗ୍ନିପଥର ତାତି ଠାରୁ

ଅଧିକ ଗରମ ।

ମୋ ସୁବାସିତ ଜୀବନ ପଥରେ



ସାମାଜିକ ଅପବାଦର ଲାଭାକୁ
ବିଛେଇ ଖୁସିରେ ଚାଲିଗଲ ।
ସଖା କୁହ ଥରେ
କିପରି ମୁଣ୍ଡର କଳଙ୍କକୁ ଧୋଇ
ସତୀ ବୋଲି ପ୍ରମାଣ ଦେବି ?
ତମର ପ୍ରେମ ଚପଳାମୀରେ
ଆକର୍ଷିତ ହେଇ ଦିନେ
ଏ ଚଞ୍ଚଳ ହରିଣୀଟି
ନିଜକୁ ସମର୍ପଣ କରିଦେଇ ଥିଲା ।
ଆଜି ଉତ୍ତର ଆଶାରେ
ବା ଚାହିଟାପୁରା ପାଇଁ
ଅନେକ ଅର୍ଥର ପ୍ରଶ୍ନ
ମୋ ଉପରୁ ବାଣ ପରି ମାଡି ଆସୁଛି ।
ସଖା ତୁମେ ମୋ ସୁରକ୍ଷା ପାଚେରୀ

ଯାହାକୁ ତୁମେ ଆଜି ସନ୍ଦେହର ଛୁରୀରେ
ଛିଦ୍ର ଛିଦ୍ର କରିଦେଇଛ ।
ମାଡି ଆସୁଥିବା ପ୍ରଳୟର
କରାଳରୁ ନିଜକୁ
କିପରି ରକ୍ଷା କରିବି ?
ସଖା ଗୋ ତୁମ
ପ୍ରତାରଣାରେ ଆଶ୍ରାହୀନ ମୁଁ
ପୁଣି କୋଳରେ ତୁମ ସନ୍ତକ ।
ମୋ ଈଶ୍ୱର ନିଜେ ଆଶ୍ରା ଖୋଜୁଛି
ମୋ ପାଇଁ ସୁରକ୍ଷା କବଚ
ସେ କିପରି ପାଲଟିବ !
ସଖା ଏତେ ଦିନର
ସମ୍ପର୍କ ପରେ ବି
ଅନେକ କଥାର ଗଣି
ରହିଗଲା ମନ ଅଗଣାରେ ।

ଜାଣିଛ ସଖା

ତମେ ପ୍ରତାରଣା ଦେଲା ପରେ

ବିଲୀନ ହେବାକୁ ଚେଷ୍ଟାକରି

ବିଫଳ ହେଲି  ।

କାହିଁକି ପ୍ରଶ୍ନର ଉତ୍ତର

ମୋ ପାଖରେ ଅଛି  ।

ହେଲେ, ସଖା ତମେ

ପ୍ରଶ୍ନ କୁ ହିଁ ବୁଝିନ

କି ଉତ୍ତର ଦବ  ।

ବାସ୍ ! ଅନେକ କଥା ଭିତରୁ

ଏତିକି କଥାର ଅର୍ଥ ଆଦାୟ

କରିବାର ଅଛି  ।

ତେଣୁ ତ ଆଜି ବି

ତମ ବିରହରେ ଜୀବିତ  ।

*****

ଭଞ୍ଜ ବିହାର, ବ୍ରହ୍ମପୁର

# ଅନ୍ତର ନିବେଦନ

ଦମୟନ୍ତୀ କିଶାନ

କର ମେଲି କରେ ନିବେଦନ

ଆସ ଆସ ହେ, ପାରାବାର

କରି ତୃପ୍ତି ଭରା ଆଲିଙ୍ଗନ


ବେଦନା-ତନୁ ଧୌତକର ।୧।

ନୀଳାମ୍ବର-ଅମ୍ବର ପରିଧାନ

କରିଣ ଆହେ, ରତ୍ନାକର

ଦରଶନେ ତୁମ୍ଭ ଭରେ ପରାଣ

ନୟନ ଦେଖେ ବାରମ୍ବାର ।୨।



ଅଜ୍ଞାତ ତୁମ୍ଭ ପରିବ୍ୟାପ୍ତି
ଆହେ, ଦିଗହୀନ ବାରାନିଧି
ସାକ୍ଷାତେ ତୁମ୍ଭ ଶାନ୍ତି-ତୃପ୍ତି
ହୁଏ ପ୍ରାପତ ଅନ୍ତର୍ଭେଦି ।୩।

ଅନ୍ତର୍ଭେଦି କର ପ୍ରବେଶ
ଆହେ, ଅସୀମ ସାଗର
ହେଲେ ଅନ୍ତରେ ତୁମ୍ଭ ପରଶ
ଶରୀର ହୋଇବ ପବିତ୍ର ।୪।

ତୁମ୍ଭ ସାଥେ ମୋ ଏ ମିଳନ
ରହିଥାଉ ଆହେ, ମହୋଦଧି
ବିଚ୍ଛେଦରେ ହୃଦ ସ୍ପନ୍ଦନ
ବଢିଯାଏ ମୋ ହୃଦଭେଦି ।୫।

ଶେଷ ଇଚ୍ଛା ଯୋଡି କର
ଶୁଣ ଆହେ, ନୀଳ ସିନ୍ଧୁ
କ୍ଷଣିକ ପାଇଁ ଏ ତନୁ ମୋର
ମିଶୁ ତୁମ୍ଭ ଅଙ୍ଗେ ହୋଇଣ ଇନ୍ଦୁ ।୬।

*****

ସୁନ୍ଦରଗଡ





ସପ୍ତଶଯ୍ୟା ଗିରି ଅତି ମନୋରମ
ନୀଳ ଅଙ୍ଗ ଯା'ର ବିଶ୍ୱେ ଅନୁପମ ।
ନିଖିଳ ଉତ୍କଳ ପୁଣ୍ୟ-ଗଉରବ
ସ୍ତୂପାକାରେ ଯହିଁ ତୁମ୍ଭେ ନୀଳନଭ ॥

ଧ୍ରୁବତାରା ପବ୍ଲିକେଶନସ୍

# ଗଦ୍ୟ ବିଭାଗ

*"କୁସୁମିତ ପଥ ବିପଥଗାମୀ ପଥିକର ପ୍ରଥମ ସଫଳତା, କଣ୍ଟକିତ ପଥ ସଫଳତାର ପ୍ରତିବନ୍ଧକ ସତ; ତତ୍‌ଉପରାନ୍ତେ ପ୍ରତିଟି ପ୍ରତିଷ୍ଠିତ ବ୍ୟକ୍ତିର ଅନୁଭୂତିର ଆଲେଖ୍ୟ...."*

**ଶୁଭଲକ୍ଷ୍ମୀ ବିରଞ୍ଚି ଦାସ**

# ନିଃସଙ୍ଗତା

ରୋଜା ପଣ୍ଡା

ନିଃସଙ୍ଗତା ଜୀବନକୁ ନର୍କ କରିଦିଏ । ଜୀବନର ପ୍ରତିଟି ମୁହୂର୍ତ୍ତରେ ବନ୍ଧୁଟିଏ ନିହାତି ଆବଶ୍ୟକ । ପାଖରେ କେହି ସାଙ୍ଗ ନଥିଲେ ବହୁତ ଏକୁଟିଆ ଲାଗେ । ଜୀବନଟା ବହୁତ ଭାରି ଭାରି ଲାଗେ । ନିଃସଙ୍ଗତାର ଅନୁଭୂତି କେବଳ ସେ ହିଁ ଅନୁଭବ କରିପାରିବ ଯାହାର କେହି ସାଙ୍ଗ ଦିଅନ୍ତିନାହିଁ । ଆଉ ବେଳେବେଳେ ସାଙ୍ଗ ହେଉଥିବା ଲୋକ ହିଁ ଗାତରେ ପକାଇଦେଇ ମଣିଷକୁ ଆଜୀବନ ନିଃସଙ୍ଗତାକୁ ଠେଲିଦେଇ ଚାଲିଯାଏ । ଏହାର ଜ୍ଵଳନ୍ତ ଉଦାହରଣ ହେଉଛି ହିରଣ୍ୟ ମହାନ୍ତିର କାହାଣୀ । କାହାଣୀଟି ଆରମ୍ଭ ହୁଏ ଏକ ନିପଟ ମଫସଲ ଗାଁରୁ । କାହାଣୀର ମୁଖ୍ୟ ନାୟକ ହେଉଛି ସୁଦୂର ପ୍ରତାପନଗର ଗାଁର ହରି ମଉସାଙ୍କ ପୁଅ ହିରଣ୍ୟ ମହାନ୍ତି । ସେ ଖୁବ୍ ଭଲ ପାଠପଢେ ।

ବିଦ୍ୟାଳୟରେ ସବୁବେଳେ ପ୍ରଥମସ୍ଥାନ ଅଧିକାର କରେ । ଖୁବ୍ ମେଧାବୀ ଛାତ୍ର ହିରଣ୍ୟ । ଗାଁ କଲେଜରୁ ବିଜ୍ଞାନରେ ସ୍ନାତକ ସାରି ସହର ଯାଇଥିଲା ଚାକିରି କରିବା ପାଇଁ । ଖୁବ୍ ଭଲ ଦିପଇସା କମାଉଥିଲା ସହରରେ । ଚାକିରିର ବର୍ଷେ ଭିତରେ ନିଜ ଗାଁରେ ଥିବା ଛପର ଘରକୁ କୋଠାରେ ପରିଣତ କରିଦେଇଥିଲା । ବାପା, ମାଆ ତା'ର ଖୁସିରେ ଗାଁ ସାରା ହିରଣ୍ୟର ପ୍ରଶଂସା କରିବୁଲୁଥିଲେ । ସହରରେ କୋଉ ଗୋଟେ ବଡ କମ୍ପାନୀରେ ଚାକିରି କରିଥିଲା ବୋଧେ ହିରଣ୍ୟ । ମୁଁ ଯେବେ ଏଇ ଗାଁକୁ ଆସେ କେବଳ ହିରଣ୍ୟର ପ୍ରଶଂସା ଶୁଣେ । ପାଞ୍ଚବର୍ଷ ପରେ ଆଜି ମୁଁ ଏଇ ଗାଁକୁ ଆସିଛି । ଏଠି କିଛି ବି ବଦଳିନି । ସେଇ ନଈ, ପାହାଡ ବିଲ, ଶଗଡ଼ ଗାଡି । ଖୁବ ଖୁସିରେ ମୁଁ ଗାଁଟା ସାରା ଘେରାଏ ବୁଲି ଆସିଲି । ଶେଷରେ ମୋ ଆଖି ପଡିଲା ଗାଁ ମୁଣ୍ଡ ବରଗଛ ତଳେ କିଏ ଜଣେ ବାବା ବସିଛନ୍ତି । ଚେହେରାଟି ଚିହ୍ନା ଚିହ୍ନା ଲାଗିଲା । ହାତରେ ଖଞ୍ଜଣୀ, ଦେହରେ ପିତବସ୍ତ୍ର, ବେକରେ ତୁଳସୀମାଳି, ମଥାରେ ତିଳକ ଚନ୍ଦନ, ମୁଖରୁ ରାମ ନାମର ମୂର୍ଚ୍ଛନା । ଆରେ ଏ ତ ହିରଣ୍ୟ ।

ତା'ର ପୁଣି ଏ କି ରୂପ ? ତା ପାଖକୁ ଯିବାକୁ ପ୍ରୟାସ କରନ୍ତେ କିଛି ଅକଥନୀୟ ଦୃଶ୍ୟ ଦେଖି ମୁଁ ଆଚମ୍ବିତ ହୋଇଗଲି । ଗାଁର କିଛି ସ୍ତ୍ରୀ ଲୋକ ସେଇ ବାଟ ଦେଇ ଯାଉଥିଲେ । ସେଠି ହିରଣ୍ୟକୁ ଦେଖି ଛି ଛି କରି ନିଜ ଲୁଗାର କାନିକୁ ମୁହଁରେ ଦେଇ ବହୁତ ଖରାପ ଶବ୍ଦ ପ୍ରୟୋଗ କରି ଚାଲିଗଲେ । ଗାଁର ବହୁତ ବୟୋଜ୍ୟେଷ୍ଠ ବ୍ୟକ୍ତି ମଧ୍ୟ ହିରଣ୍ୟ ପ୍ରତି ଠିକ୍ ସେମିତି ବ୍ୟବହାର କରୁଥିଲେ । ମତେ ଏମିତି ଦୃଶ୍ୟ ଦେଖି ବହୁତ ଆଶ୍ଚର୍ଯ୍ୟ ଲାଗିଲା । ଈଶ୍ୱରଙ୍କ ନାମ କୀର୍ତ୍ତନ କରୁଥିବା ବ୍ୟକ୍ତିକୁ ଗାଁ ଲୋକମାନେ ଏମିତି ବ୍ୟବହାର କରୁଥିବାର ଦେଖି ମୁଁ ସ୍ଥାଣୁ ପାଲଟିଗଲି । ସତେ ଯେମିତି ହିରଣ୍ୟ ଏକ ଅଛୁଆଁ ମଣିଷ । ଓଃ ଏମିତି ବ୍ୟବହାରରେ କେତେ ନିଃସଙ୍ଗତା ଅନୁଭବ ହେଉନଥିବ ହିରଣ୍ୟକୁ । କିଛିକ୍ଷଣ ଚିନ୍ତାକରି ତା' ପାଖକୁ ଗଲି । ତାକୁ ପଚାରି ତା'ର ବିଗତ ଜୀବନ ବିଷୟରେ ଯାହା ଶୁଣିଲି ବହୁତ ଖରାପ ଲାଗିଲା । କି ନିଷ୍ଠୁର ସତ୍ୟ । ଏଇ ପାଞ୍ଚବର୍ଷ ଭିତରେ ତା' ଜୀବନରେ ଘଟିଯାଇଥିବା ସବୁ ଘଟଣା ଦୁର୍ଘଟଣା ସେ କହିବା ଆରମ୍ଭ କଲା ।

ସେ ନୂଆ କରି ସହରକୁ ଯାଇଥିଲା ଚାକିରି ଖୋଜିବା ପାଇଁ । ମନରେ ଅସୁମାରୀ ଆଶା । ସେଠି ଯାଇ ବହୁତ ଖୋଜାଖୋଜି କଲା ହେଲେ ତା'କୁ ଚାକିରି ମିଳିଲାନାହିଁ । ଶେଷରେ ବୁଲିବୁଲି ସେ ଏକ ପିଲାକୁ ଭେଟିଲା । ଧୀରେ ଧୀରେ ତା ସହିତ ହିରଣ୍ୟର ବନ୍ଧୁତା ବଢ଼ିଲା । ଦିନେ ସେ ପିଲା ଆସି ହିରଣ୍ୟକୁ ଏକ ମାର୍କେଟକୁ ନେଇଗଲା । ସେତେବେଳେ ସନ୍ଧ୍ୟା ହେଇସାରିଥିଲା । ବନ୍ଧୁ କଥାକୁ କାଟିନପାରି ହିରଣ୍ୟ ସେ ପିଲା ସହିତ ବଜାରକୁ ଗଲା । ସେଠି ଦେଖିଲା ସେ ପିଲା ତା ବ୍ୟାଗରୁ ନାଲି ରିବନ ଗୋଟେ କାଢି ନିଜ ହାତରେ ବାନ୍ଧିଲା ଓ ରାସ୍ତା କଡରେ ଠିଆ ହେଇଗଲା । ପ୍ରଥମେ ହିରଣ୍ୟ କିଛି ବୁଝିପାରିଲାନାହିଁ । ବନ୍ଧୁକୁ ପଚାରିବା ପାଇଁ ପ୍ରୟାସ କରନ୍ତେ ସଂଗେ ସଂଗେ ଏକ ଧଳା କାର ଆସି ସେ ପିଲା ନିକଟରେ ପହଁଚିଲା ଓ କାର ଭିତରୁ ଜଣେ ସ୍ତ୍ରୀ ଲୋକ ଟଙ୍କା ବିଡାଟିଏ ସେ ପିଲା ଉପରକୁ ଫିଙ୍ଗି ତା'କୁ କାରରେ ବସେଇ ନିଜ ଘରକୁ ନେଇଗଲେ । ତା ପରଦିନ ହିରଣ୍ୟ ନିଜ ବନ୍ଧୁକୁ ଗତ କାଲିର ଘଟଣା ବିଷୟରେ ପଚାରିବାରୁ ବନ୍ଧୁଟି ସହଜରେ ଟଙ୍କା ରୋଜଗାରର ମାଧ୍ୟମ

ବଡେଇଦେଲା । ହିରଣ୍ୟ ଲୋଭରେ ପଡି ସେଦିନ ସନ୍ଧ୍ୟାରେ ଏକ ନାଲି ରିବନ ହାତରେ ବାନ୍ଧି ରାସ୍ତା କଡରେ ଠିଆ ହେଇଗଲା । ସେଦିନ ତା ନିକଟକୁ ମଧ୍ୟ ପୂର୍ବ ରାତି ପରି ଏକ କାର ଆସି ଲାଗିଲା ଏବଂ ହିରଣ୍ୟ ଉପରକୁ ଦଶ ହଜାର ଟଙ୍କା ପକାଇ ତା'କୁ ଗାଡ଼ିରେ ବସାଇ ନେଇଗଲେ ରାଜଧାନୀର ଜଣେ ସଂମ୍ଭ୍ରାନ୍ତ ଘରର ମହିଳା । ହିରଣ୍ୟ ଯାଇ ସେହି ମହିଳାଙ୍କ ଘରେ ପହଁଚିଲା । ସେଠି ମହିଳା ଜଣଙ୍କ ତା ସହିତ ଶାରୀରିକ ସମ୍ପର୍କ ରଖିବାକୁ ଉଦ୍ୟମ କଲେ । ହିରଣ୍ୟ ପ୍ରଥମେ ମହିଳା ଜଣଙ୍କୁ ବାରଣ କରୁଥିଲେ କିନ୍ତୁ ଯବାନ ବୟସର ପାଦଦେଶରେ ନାରୀର ଆକର୍ଷଣ ସ୍ୱାଭାବିକ । ତା ସହିତ ଏତେ ସହଜରେ ଏତେ ଗୁଡ଼ାଏ ଟଙ୍କା । ଯବାନ ବୟସରେ ଦୁଇ ଦୁଇଟା ଅଭାବ ପୂରଣ ହେଇଗଲେ ଜଣେ ପୁଅର ଆଉ କ'ଣ ବା ଲୋଡ଼ା ।ହିରଣ୍ୟ ଟଙ୍କା ଉପାର୍ଜନର ସହଜ ମାର୍ଗଟିଏ ପାଇଗଲା । ତା ସହିତ ନୂଆ ନୂଆ ନାରୀମାନଙ୍କ ପ୍ରୀତିଭରା ଆକର୍ଷଣ । ସେ ଖୁସିରେ ପାଗଳ ହେଇଗଲା । ଏମିତି ବ୍ୟବସାୟ କରି ସେ ନିଜ ଘରକୁ ମୁଠା ମୁଠା ଟଙ୍କା ପଠାଉଥିଲା ।

ଗାଁରେ ସମସ୍ତେ ଭାବୁଥିଲେ ଯେ ହିରଣ୍ୟ ସହରରେ ବହୁତ ବଡ ଚାକିରି କରିଛି । କେହି ହେଲେ ଜାଣିନଥିଲେ ଯେ ହିରଣ୍ୟ ରାଜଧାନୀର କୋଟିପତି ଘରର ମହିଳାମାନଙ୍କ ଦେହର ଭୋକ ମେଣ୍ଟାଉଥିଲା । ଏମିତି ଦେହ ବ୍ୟବସାୟ କରି କରି ହିରଣ୍ୟକୁ ଭୟଙ୍କର ଏଡ଼ସ ରୋଗ ହେଇଯାଇଥିଲା । ସେ ଏବେ ଏଡ଼ସ ରୋଗରେ ପୀଡିତ । ସେଦିନ ହିରଣ୍ୟର ବନ୍ଧୁ ସିନା ହିରଣ୍ୟକୁ ସହଜରେ ରୋଜଗାର କରିବାର ବାଟ ଦେଖେଇଦେଲା କିନ୍ତୁ ଏଡ଼ସ ଭଳି ଭୟଙ୍କର ରୋଗରୁ ବଞ୍ଚିବାର ବାଟଟା ଦେଖେଇନଥିଲା । ହିରଣ୍ୟର ରୋଗ ପାଇଁ ହିରଣ୍ୟ ଆଜି ନିଃସଙ୍ଗ । ତା'କୁ ସମସ୍ତେ ଘୃଣା କରୁଛନ୍ତି । ସେ ଏବେ ଏକାକୀ ଜୀବନ କାଟୁଛି । ନିଜ ଅତୀତର ଭୁଲ୍ ପାଇଁ ସେ ଆଜି ଅନୁତପ୍ତ । ମୁକ୍ତି ପାଇଁ ଈଶ୍ୱରଙ୍କ ଦ୍ୱାରସ୍ଥ ସେ ଆଜି । ଏମିତି କିଛି ଘଟଣା ମଣିଷକୁ ପୁରାପୁରି ନିଃସଙ୍ଗତା ଭିତରକୁ ଟାଣିନିଏ । ଏହି ନିଃସଙ୍ଗତା ଭିତରେ ହିରଣ୍ୟ ଆଜି ଅଣନିଶ୍ୱାସୀ ।

*****

ମଧୁପାଟଣା, କଟକ

# ସଫଳତାର ରହସ୍ୟ

ସତ୍ୟ ରଞ୍ଜନ ମିଶ୍ର

ହେଇଟି ଶୁଣୁଛ ? ହଇହୋ ରାଜୁ ବୋଉ କୁଆଡେ ଗଲ କି ? କ'ଣ ଶୁଣୁଛ ନା ନାହିଁ ବା ?

"ହଁ ପରା ଶୁଣୁଛି, କାଇଁ ଏଡ଼େ ପାଟିରେ ଡାକୁଛ ? ମୁଁ କ'ଣ କାଲୁଣି ହେଇଗଲିଣି ?"

"ଓହୋ ତୁମକୁ ଏବେ ଖାଲି ମୋରି ପାଟି ଶୁଭୁଛି ? ଆଜି ଗାଁ ଟା ଯାକର ଲୋକଙ୍କ ମୁହଁରେ ଆମ ରାଜୁର ଯୋଉ ପ୍ରଶଂସା ହଉଛି ସେଇଟା ଆଉ ଶୁଭୁନି ?"

"ହଁ ହଁ ଶୁଭୁଛି, ତୁମ'ଠୁ ବେଶି ଶୁଭୁଛି (ଟିକେ ରହିଯାଇ କ୍ଷୀଣ ସ୍ୱରରେ) ହେଇଟି ଶୁଣୁଛ, ସେ ମଙ୍ଗୁଳି ଦଦେଇ ଏଇଲେ ଫୁସୁଫୁସୁ ହଉଥିଲା

କୁଆଡେ କାହାକୁ ଧରାଧରି କରି ଆମ ରାଜୁ ଓ.ଏ.ସ୍ ପାଇଛି ବୋଲି । ମୋ ଦିହ ତ ଜଳି ଯାଉଥିଲା । ଭାବୁଥିଲି ଉଠିକି ଯାଇ ଦିପଦ କହିବି । ପୁଣି ଭାବିଲି କାଇଁ ଗୋଟେ ଭଲ ଦିନରେ ଅଶାନ୍ତି କରିବା । ଯିଏ ଯାହା କହୁଛି କହୁ । ମୁଁ ଖାଲି ବୁଢ଼ୀ ଜାଗୁଳାଇକୁ ଏତିକି ଡାକୁଛି ସେ ମୋ ରାଜୁକୁ ଘଣ୍ଟ ଘୋଡେଇ ରଖିଥାଉ ।"

"ହଉ ହେଲା ହେଲା । ଶୁଣ ତୁମକୁ ଗୋଟେ କଥା କହିବାର ଥିଲା । ସରପଞ୍ଚ ଏଇଲେ ଛକ ଉପରେ ଦେଖା ହେଲେ ଆଉ କହିଲେ ରବିବାର ଦିନ ପଞ୍ଚାୟତ ଅଫିସରେ ଗୋଟେ ମିଟିଙ୍ଗ୍ କରିବେ ଆଉ ଆମ ରାଜୁକୁ ପୁରସ୍କାର ଦେବେ । "

"ହଁ ସତେ ! କ'ଣ ପୁରସ୍କାର ଦେବେ ?"

"ଓହୋ ସେ ଯାହା ଦିଅନ୍ତୁ । ଖବର କାଗଜରେ ତା ନାଁ ବାହାରିବ, ଫୋଟୋ ବାହାରିବ, ଆମ ଦିଜଣଙ୍କ ନାଁ ବି ବାହାରିବ (ଟିକେ ରହିଯାଇ )

ଆରେ ଆମ ରାଜୁ ଗଲା କୁଆଡେ ?"

"ସିଏ ବା ଏଇଲେ ଦିଟା ପଖାଳ ଖାଇ ଉଠିକି ଯାଇ ସେପଟ ଘରେ ଶୋଇଛି । ତୁମେ ଏବେ ତା'କୁ କିଛି କୁହନି, ତୁମେ ଆଗ ଗଲ ଦୋକାନରୁ ସଉଦା ଆଣିବ ।"

"ହଉହଉ ମୁଁ ଯାଉଛି । ସେ ଉଠିଲେ ତା'କୁ ଜଣେଇଦେବ ବୁଝିଲ "

ସେପଟ ଘରେ ଥାଇ ରାଜୁ ତା ବାପା ବୋଉଙ୍କ ସବୁ କଥା ଶୁଣୁଥାଏ । ତା ଆଖି ଆଗରେ ନାଚି ଯାଉଥାଏ ସେଇ ପୁରୁଣା ଦିନର ସ୍ମୃତି ସବୁ । ଏମିତି ଦିନେ ତା' ବାପା ବୋଉ ଖୁସି ହେଇଥିଲେ ଯୋଉ ଦିନ ସେ ମାଟ୍ରିକ ପରୀକ୍ଷା ୮୦ ପ୍ରତିଶତ ନମ୍ବର ରଖିଥିଲା । ତା' ବାପା ତା'କୁ ସେଦିନ ଖୁସିରେ କାଖେଇ ପକେଇଥିଲେ । ସେଦିନ ରାଜୁ ବି ବହୁତ ଖୁସି ହେଇଥିଲା ହେଲେ ତା'ର ସେ ଖୁସି ଗୋଟେ ସପ୍ତାହ ପରେ ଚାଲିଗଲା ଯେତେବେଳେ ତା ବାପା ତା'କୁ +୨ରେ ସାଇନ୍ସ ପଢିବାକୁ କହିଥିଲେ । ରାଜୁ ତା ବାପାଙ୍କୁ ବହୁତ ବୁଝେଇଥିଲା ।

"ବାପା ମୋର ସାଇନ୍ସ ପଢିବାକୁ ଜମା ଇଚ୍ଛା ନାହିଁ । ମୁଁ ଗଣିତରେ ଦୁର୍ବଳ । ମୁଁ ସବୁଥିରେ ୮୫ରୁ ଅଧିକ ରଖିଛି ହେଲେ କେବଳ ବିଜ୍ଞାନରେରେ ୬୦ ନମ୍ବର ରଖିଛି । ମୁଁ ସାଇନ୍ସ ପାରିବିନି ।"

ବାପା ଟିକେ ରାଗିଯାଇ କହିଥିଲେ "ଆଉ କ'ଣ ଆର୍ଟସ ପଢ଼ିବୁ ? ମାଷ୍ଟ୍ର ଚାକିରି କରିବୁ ? ତୋ ମାମୁଁକୁ ଦେଖିଲୁ ଦିଲ୍ଲୀରେ କେଡେ ବଡ ଡାକ୍ତର ହେଇଚି, ତୋ ବଡ ବାପା ପୁଅକୁ ଦେଖିଲୁ ଆଇ.ଆଇ.ଟି ଖଡଗପୁରରେ ପଢୁଛି, ଆରେ ତୋ ସାଙ୍ଗ ଚିକୁ ଓ ସୋମୁମାନଙ୍କୁ ଦେଖିଲୁ ସେମାନେ ବି ସାଇନ୍ସ ପଢ଼ିବେ । ଆଉକିଛି ବର୍ଷପରେ ଆମ ଗାଁରେ କୋଟିପତି ହେଇ ବସିଥିବେ । ଆଉ ତୁ କହୁଚୁ ସାଇନ୍ସ ପଢିବୁନି ! (ତା'ପରେ ଟିକେ ନରମି ଯାଇ ) ଆରେ ବାବା ଜମା ଡର ନା । ମାଟ୍ରିକରେ ୧୦-୧୫ ମାର୍କ କମିଯାଇଛି ବୋଲି ତୁ ତୋ ଜୀବନ ନଷ୍ଟ କରନା । ମୁଁ ତୋତେ ଭଲ କୋଚିଙ୍ଗ ସେଣ୍ଟରକୁ ପଠେଇବି । ତୁ ମନ ଲଗେଇ ପଢ । ଦେଖ ସବୁ ଠିକ୍ ହେଇଯିବ ।"

ବାପାଙ୍କ ଯୁକ୍ତି ପାଖରେ ରାଜୁ ହାର ମାନିଥିଲା ଆଉ ବାଧ୍ୟ ହେଇ ସାଇନ୍ସ ପଢ଼ିଥିଲା । କଲେଜରେ ସେ ସବୁବେଳେ ଚୁପ ଚାପ ବସୁଥଲା । କେମେଷ୍ଟ୍ରି ଆଉ ବଟାନି ପଢିବାକୁ ତାକୁ ଭଲ ଲାଗୁନଥିଲା । ଇନଅର୍ଗାନିକ କେମେଷ୍ଟ୍ରି ତା' ଦ୍ୱାରା ଠିକ ସେ ହଉନଥିଲା । ବେଳେବେଳେ ବାପାଙ୍କ କଥା ମନେ ପଡୁଥିଲା । ଘଣ୍ଟାଘଣ୍ଟା ଧରି କେମେଷ୍ଟ୍ରି ବହି ଧରି ପଢୁଥିଲା ହେଲେ କିଛି ବୁଝିପାରୁନଥିଲା ଆଉ ଶେଷରେ ରାଗିକି ସେ ବହିକୁ ଫୋପାଡ଼ି ଦେଇଥିଲା ।

ଏମିତି ଏମିତି ଦୁଇ ବର୍ଷ ବିତିଗଲା । ଶେଷରେ ଯାହା ଡର ଥିଲା ସେଇଆ ହେଲା । ରାଜୁ +୨ରେ କେମେଷ୍ଟ୍ରିରେ ଫେଲ୍ ହେଲା । ଏକଥା ଶୁଣି ରାଜୁର ବାପା କ୍ରୋଧର ସୀମା ଟପିଗଲେ । ଅନବରତ ତା ଉପରେ ଗାଳି ବର୍ଷଣ ହବାକୁ ଲାଗିଲା । ରାଜୁ ସେଦିନ ଭାଙ୍ଗି ପଡିଥିଲା । ନିଜ ଦୋଷ କି ଆଉକାହା ଦୋଷ କିଛି ବୁଝିପାରୁ ନଥିଲା ।

ସେଦିନ ସନ୍ଧ୍ୟାରେ ରାଜୁ ଠାକୁରଙ୍କ ଆଗରେ ବହୁତ କାନ୍ଦିଛି । ଆଉ ତା'ପର ଦିନ ସକାଳୁ ମାମୁଁଙ୍କ ଫୋନ ଆସିଲା । ମାମୁଁ ରାଜୁକୁ ବୁଝେଇ କହିଲେ କି ବାପାରେ ଭାଙ୍ଗି ପଡନା । ଜୀବନ ସମସ୍ତଙ୍କୁ ଦ୍ୱିତୀୟ ସୁଯୋଗ ଦିଏ ଆଉ ତୋତେ ବି ଦେଇଛି । ଏଥର ତୁ ତୋ ମନକୁ ଯାହା ଆସୁଛି କର କାହାକଥା ଶୁଣନା । କେମେଷ୍ଟ୍ରିକୁ ଅଣ୍ଡା ମୁଣ୍ଡରେ ବସି ଭାବେ ଭଲ ଲାଗିବ । ତାପରେ +୩ ପଢ଼ିବୁ ବୁଝିଲୁ । ମାମୁଁ ରାଜୁର ବାପାଙ୍କୁ ବି କହିଦେଲେ କି ରାଜୁକୁ କିଛି ବି ଚାପ ଦିଅ ନି । ସେ ତା ମନକୁ ଯାହା ଚାହୁଁଚି କରୁ ।

ତାପରେ ରାଜୁ ଆଉ ଥରେ +୨ ପରୀକ୍ଷା ପାଇଁ ପ୍ରସ୍ତୁତ ହେଲା । ଏଥର ସେ ବିନା ଭୟରେ ପରୀକ୍ଷା ଦେଲା । କେମେଷ୍ଟ୍ରିରେ ତାକୁ ସହଜ ଲାଗୁଥିବା ବିଷୟ ପ୍ରତି ଧ୍ୟାନ ଦେଲା । ସେବର୍ଷ ରାଜୁ ୬୩% ରଖି +୨ ପାସ କଲା । ଆଉ ତାପରେ ସେ ସାହସର ସହ +୩ ପଢିଲା । ୩ ବର୍ଷ ପରେ ସେ ସଫଳତାର ସହ +୩ରୁ ଉତ୍ତୀର୍ଣ୍ଣ ହେଲା ।

ତା'ପରେ ରାଜୁ ଓ.ଏ.ଏସ୍ ପରୀକ୍ଷା ପାଇଁ ପ୍ରସ୍ତୁତ ହେଲା । ଖବର କାଗଜ, ଇଣ୍ଟରନେଟ ଆଉ ବିଭିନ ବହିକୁ ନିଜ ସାଙ୍ଗ କରିଦେଲା ଆଉ ୨୦୧୮ରେ ଓ.ଏ.ଏସ୍ ପରୀକ୍ଷା ଦେଲା । ଗୋଟିଏ ପରେ ଗୋଟିଏ ପାହାଚ ଚଢି ଶେଷରେ ସେ ଓ.ଏ.ଏସରେ ଉତ୍ତୀର୍ଣ୍ଣ ହେଲା । ଆଉ ସେଦିନ ତା ରେଜଲ୍ଟ ଶୁଣି ତା ବାପା ବୋଉଙ୍କ ଖୁସି କହିଲେ ନ ସରେ ।

ରବିବାର ଦିନ ପଞ୍ଚାୟତ ଅଫିସରେ ରାଜୁ ପୁରସ୍କୃତ ହେଲା । ପୁରସ୍କାର ପାଇ ସାରିବା ପରେ ଯେତେବେଳେ ତା'କୁ ପଚରାଗଲା କି ତୁମ ସଫଳତାର ରହସ୍ୟ କ'ଣ ? ସେତେବେଳେ ରାଜୁ ଟିକେ ମୁରୁକି ହସିଲା ଆଉ କହିଲା କି ମୋ ପିତା ମାତାଙ୍କ ଆଶୀର୍ବାଦ ହିଁ ମୋ ସଫଳତାର ରହସ୍ୟ । ତାପରେ କରତାଳି ମାଡ଼ରେ ଗଗନ ପବନ ପ୍ରକମ୍ପିତ ହେଲା ।

*****

ଅଢ଼ଙ୍ଗ ଶାସନ, ଅଣଖିଆ

ବିରିଡି, ଜଗତସିଂହପୁର

# ଆମେ କ'ଣ ମୂକ ହେବା ?

ସରୋଜ ମହାପାତ୍ର

କାହିଁ କେତେ ଦିନରୁ ରାଜା ରାଜୁଡା ଶାସନ ଯିବାପରେ ଆମକୁ ଶାସନ କଲେ ଇଂରେଜ ମାନେ, ଅନେକ ଦିନର ସଂଘର୍ଷ ପରେ ଆମେ ସ୍ୱାଧୀନ ହେଲେ କିନ୍ତୁ ଶାସନ ସିନା ବଦଳି ଗଲା ହେଲେ ବଦଳିଲା ନାହିଁ ହଜାର ହଜାର ପ୍ରଜାଙ୍କର ଜୀବନ । ନିର୍ବାଚନ ସମୟ ପାଖେଇ ଆସୁଥିଲା ପ୍ରଚାର ଜୋର ସୋରରେ ଚାଲିଥାଏ, ଗୋଟେ ସଭାରେ ଜଣେ ନେତା ଉଚ୍ଚ ସ୍ୱରରେ ଡ଼ାକବାଜି ଯନ୍ତ୍ର ସାମ୍ନାରେ ନିଜର ମନ୍ତବ୍ୟ ପ୍ରଦାନ କରୁଥାନ୍ତି କାର୍ଯ୍ୟକ୍ରମର ସିଧା ପ୍ରସାରଣ ହେଉଥାଏ ଟେଲିଭିଜନରେ । ସାମ୍ବାଦିକଙ୍କର ପ୍ରଶ୍ନର ଉତ୍ତର ଦେବାକୁ ଯାଇ ନେତା କହୁଥାନ୍ତି - ଶାସନ କ୍ଷେତ୍ରରେ କେଉଁ ଦଳବା ଆମର ସମକକ୍ଷ ? ଆମେ ସର୍ବଶ୍ରେଷ୍ଠ ପ୍ରଶାସକ । ଆମ ଦଳ ପାଇଁ ଏ ରାଜ୍ୟରେ ଅଭିନବ ଧାରା ।

ଆମ ଦଳ ଦରିଦ୍ରମାନଙ୍କୁ ଦେଉଛି ରାସନ ଓ ବାସଗୃହ । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଆମେ ଖଞ୍ଜି ଦେଇଛୁ ଯୋଜନା । ରୋଗ ବୈରାଗ ପାଇଁ ଖୋଲା ହେଇଛି ସରକାରି ଚିକିତ୍ସାଳୟ, ଯେଉଁଠି ମାଗଣାରେ ଉପଲବ୍ଧ ସମସ୍ତ ପ୍ରକାର ସହାୟତା । କୌଣସି ପ୍ରକାର ଅସୁବିଧା ହୁଏନି ଆମ ରାଜ୍ୟର ଲୋକଙ୍କର, ସେଥିପାଇଁ ତ ଆମେ ନିର୍ବାଚନରେ ଜିତୁ ବାରମ୍ବାର । ଏହିପରି ଅନେକ ପ୍ରଶସ୍ତି ଗାନ କଲେ ନେତା ଜଣଙ୍କ, ତାଙ୍କ ସହିତ ସମତାଳରେ ଆଉକିଛି ନେତା ମନ୍ତ୍ରି ବି କହିଲେ ଆମ ଦଳର ମୁଖିଆଙ୍କର ଯେତେ ପ୍ରଶଂସା କଲେ କମ୍ ହେବ, ଏ ରାଜ୍ୟର ସର୍ବେ ସର୍ବା ସେ । ଆଉପୁଣି ନେତାଙ୍କର ପ୍ରଶଂସା କରିବା ପାଇଁ ମଧ୍ୟ ପଛେଇଲେ ନାହିଁ, ତୁମେ ଆମମାନଙ୍କର ସ୍ୱପ୍ନ ଆମ ଭଳି ଲୋକଙ୍କୁ ମାଟିରୁ ଗୋଟାଇ ଆଣି ଦେଉଛ ସମ୍ମାନ । ହାତ ପାଇଁ କାମର ଆବଶ୍ୟକ ହୁଏନି ସ୍ଥାନେ ସ୍ଥାନେ ଖୋଲା ଅଛି ଖାଦ୍ୟ ଯୋଜନା ଅନ୍ତର୍ଗତ ବିନାମୂଲ୍ୟରେ ମିଳୁଥିବା ଭାତ ଡାଲମା ।ସବୁ ଆମ ଦଳର କାର୍ଯ୍ୟ ଆଜ୍ଞା ସାରା ରାଜ୍ୟରେ ଶୁଭୁଅଛି

ଆମ ଦଳର ଜୟ ଜୟ କାର, "ଧନ୍ୟ ଆମ ନେତା ଧନ୍ୟ ଯୋଜନା ତାଙ୍କର ।" ସେଥିପାଇଁ ତ ଲଗାତର ପାଞ୍ଚ ପାଞ୍ଚ ଥର ଜିତି ଆମେ ଗଢୁଅଛୁ ସରକାର । ଏହିପରି ଅନେକ ପ୍ରଶ୍ନ ପଚାରୁ ଥା'ନ୍ତି ସାମ୍ବାଦିକ ମାନେ ଆଉ ଉତ୍ତର ଦେଇ ଚାଲିଥାନ୍ତି ନେତା ମହୋଦୟ । ହଠାତ ଭିଡ଼ ଭିତରୁ ବାହାରି ଆସିଲେ ଜଣେ ଯୁବକ କହିଲେ ସବୁ ମିଛ ସବୁମିଛ ଆଜ୍ଞା । ସମସ୍ତଙ୍କ ନଜର ତାଙ୍କ ଉପରେ ପଡିଲା ନେତା ତା'ଙ୍କୁ ପାଖକୁ ଡାକି ପ୍ରଶ୍ନକଲେ କ'ଣ ମିଥ୍ୟା ? ସାରା ରାଜ୍ୟରେ ଏବେ ଯେଉଁ ପରିସ୍ଥିତି ସେକଥା କ'ଣ ଆପଣଙ୍କୁ ଆଗୋଚର ମାନ୍ୟବର । ଯୋଜନା କେବେ ବି ଉନ୍ନତି ଦିଏନା, ଆପଣଙ୍କ ଯୋଜନାରେ ରାଜ୍ୟର ଉନ୍ନତିର ମୂଳଦୁଆ ଶିକ୍ଷା ବ୍ୟବସ୍ଥା ପାଇଁ କ'ଣ ଅଛି, ଆପଣଙ୍କ ସରକାର ସହ ସହ ବେସରକାରୀ ଶିକ୍ଷନୁଷ୍ଠାନମାନଙ୍କୁ ଅନୁମତି ଦିଅନ୍ତି ଆଉ ଯେଉଁଠି ନଥାନ୍ତି ଅଭିଜ୍ଞ ଶିକ୍ଷକ । କିନ୍ତୁ ସରକାରୀ ଶିକ୍ଷାଳୟମାନଙ୍କର ଅବସ୍ଥା ଏବେ ଶୋଚନୀୟ, ପିଲା ଅଭାବରୁ ବନ୍ଦ ହେଉଛି ଶିକ୍ଷାନୁଷ୍ଠାନ, ହଜାର ହଜାର

ଯୁବକ ଯୁବତୀ ସି.ଟି, ବି.ଇ.ଡି ଓ ଆହୁରି ଅନେକ ଉଚ୍ଚଶିକ୍ଷା କରି ବୁଲୁଛନ୍ତି ବେକାର ହୋଇ, ଇଏ କି ପ୍ରକାର ଉନ୍ନତି ଆମ ରାଜ୍ୟରେ ? ନେତା ଜଣଙ୍କ କିଛି କହିବା ଆଗରୁ ଯୁବକ ଜଣକ ପୁଣି ଆରମ୍ଭ କଲେ ମହୋଦୟ କ'ଣ ଅଗ୍ରଗତି ହୋଇଛି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଜିବି ରାସ୍ତା ନାହିଁ ଗାଁକୁ ରୋଗୀ ଖଟିଆରେ ବୁହା ହୋଇ ଆସେ, ଟର୍ଚ୍ଚ ମାରି ଅପରେସନ ହୁଏ ଆଉ ଯାହା ଯାହା ହୁଏ ଆପଣଙ୍କୁ ଅଜଣା ନଥିବ । କ'ଣ କହୁଛନ୍ତି - ନେତା ଜଣଙ୍କ କହିଲେ ଆମେ ଆମର ଉଦ୍ୟମ ଜାରି ରଖିଛୁ ନିଶ୍ଚିତ ସଫଳ ହେବୁ । ଯୁବକ ଜଣଙ୍କ କହିଲେ ଆଉ କେତେଦିନ ? କେତେଦିନ ଆଉ ଏମିତି ଲୁଟିବ ଆମ ମାନଙ୍କୁ ? କ'ଣ ଉନ୍ନତି ହୋଇଛି ଗମନାଗମନ କ୍ଷେତ୍ରରେ କୁହନ୍ତୁ ତ ଆଜିବି ୫୦ ସିଟ ଥିବା ବସରେ ଯାଆନ୍ତି ୧୦୦ ଲୋକ ଏ କେଉଁ ପ୍ରକାର ଉନ୍ନତି ? ରାସ୍ତା ସବୁର ଅବସ୍ଥା ନକହିବା ଭଲ ଏଇଥିରେ ଆମେ ଶ୍ରେଷ୍ଠ ପ୍ରଶାସକ । ଛି ଛି ଲାଜ ଲାଗୁନି ତୁମକୁ । କେତେ ଶିକ୍ଷିତ ଯୁବକ ଯୁବତୀ ଆଜି ବେକାର, ନାହିଁ ଶିଳ୍ପ ସଂସ୍ଥା ନାହିଁ ରୋଜଗାର ।

କ'ଣ ପାଠ ପଢିବା ଭୁଲଥିଲା ତାଙ୍କର ? ଏ ପ୍ରଶ୍ନ କେବଳ ମୋର ନୁହେଁ ଏ ପ୍ରଶ୍ନ ମୋ ଭଳି ହଜାର ହଜାର ଶିକ୍ଷିତ ବେକାରୀ ମାନଙ୍କର । କ'ଣ ବା ଉତ୍ତର ଦେଇ ପାରିବ ତୁମେ । ନେତା ଜଣଙ୍କ ବାହାନା ଦେଖାଇ ପଳେଇ ଯିବା ପାଇଁ ଉଦ୍ୟମ କରୁଥିଲେ କିନ୍ତୁ ଯୁବକ ଜଣକ ଯିବା ପାଇଁ ଦେଇନ ଥିଲେ । ପୁଣି କହିବା ଆରମ୍ଭ କଲେ - କ'ଣ ଦେଇଛ ତୁମେ ରାଜ୍ୟକୁ ମଦ, ଗଞ୍ଜେଇ, ବ୍ରାଉନସୁଗାର ଭଳି ନିଶା ? ଛକ ଛକରେ ଖୋଲା ହୋଇଛି ସରକାରୀ ବିଦେଶୀ ମଦ ଦୋକାନ, ଆବାଳ ବୃଦ୍ଧ ବନିତା ଆଜି ତା ମୋହରେ ସତରେ ତୁମ ସରକାର କେତେ ମହାନ । କ'ଣ ବା ହୁଏ ଏଠି ବିନା ଲାଞ୍ଚ କାରବାରରେ ତୁମ ଦଳର ନେତାମାନେ ସମସ୍ତେ ନିଜ ନିଜ ଧନ ସମ୍ପତ୍ତି ଠୁଳ କରିବାରେ ବ୍ୟସ୍ତ କେବଳ ଲୋକ ଦେଖାଣିଆ କାର୍ଯ୍ୟ ହୁଏ ଉଦାହରଣ ସ୍ୱରୂପ - ଯେଉଁ ରାସ୍ତା ତିଆରି ହୁଏ ସେ ରାସ୍ତା ଏତେ ନିମ୍ନ ମାନର ହୁଏ ଯେ ଦିନ କେତେଟାରେ ଖାଲ ଢ଼ିପରେ ଭରପୁର ହୋଇଯାଏ । ନେତା ମାନେ ନିଜ ପାଇଁ ଦଳ ବଦଳ କରନ୍ତି ଆଉ ପଣସ ଖାଇ ଅଠା ବି ବୋଳିଦିଅନ୍ତି ଜନସାଧାରଣଙ୍କର ମୁଣ୍ଡରେ ।

ନିଜ ନିଜର ଭୋଟ ବ୍ୟାଙ୍କ ବୃଦ୍ଧି ପାଇଁ ସବୁକିଛି କରି ପାରନ୍ତି ପ୍ରାୟ ନେତାମାନେ । ଏଠି ନ୍ୟାୟ ବଦଳରେ ମିଳେ ତାରିଖ ନେତା ମାନଙ୍କର କେସ୍ ଚାଲୁଥିଲେ । ଆଉ ଅନେକ ଭଲ ଲୋକ ନ୍ୟାୟ ପାଇବା ବେଳକୁ କାନ୍ଥରେ ଟଙ୍ଗା ହୋଇ ସାରିଥାଏ ଅନେକ ଜଣଙ୍କର ଫୋଟୋ । କାରଣ ଅବୁଝା ରାଜାଙ୍କୁ ପାଳବିଣ୍ଡା ଚେଲା ସବୁ ମିଶି ନଷ୍ଟ କରିଦେଲେ ରାଜ୍ୟକୁ ଆମର । କିଛି ଭଲ ଲୋକ ଅଛନ୍ତି ଯେଉଁମାନେ ନିଃସ୍ୱାର୍ଥପର ଭାବରେ ସେବା କରନ୍ତି କିନ୍ତୁ କେବେ ପ୍ରଚାର ପ୍ରସାର କରନ୍ତି ନାହିଁ ଗୁଣ ତାଙ୍କର ଏଇତ ମହାନତା ସେମାନଙ୍କର । ଏସବୁ ଭିତରେ ଅନେକ ସମୟ ବିତି ଯାଇଥାଏ ଶେଷରେ ନେତା ଜଣଙ୍କ କହିଲେ ଉଚିତ ବିଚାର ହେବ ତୁମର ସବୁ ପ୍ରଶ୍ନର । ତୁମେ ଉଦିୟମାନ ଭବିଷ୍ୟତ ଆମ ରାଜ୍ୟର । ଅଘଟଣ ଘଟିଲା କାର୍ଯ୍ୟକ୍ରମ ସରିବା ପରଦିନ, ନେତାଜଣଙ୍କ ଆଦେଶ ଦେଲେ ନମ୍ବର ନଥିବା ଗାଡି ଚକା ତଳେ ଚାପି ବନ୍ଦ କରି ଦିଆଯାଉ ଏ ସରକାର ବିରୋଧୀ ସ୍ୱର। ଭଗବାନଙ୍କର କୃପାରୁ ଯୁବକ ଜଣଙ୍କ ମରୁ ମରୁ ବଞ୍ଚି

ଯାଇଥିଲେ । ଆଉ ମନରେ ତିଳେ ହେଲେ ଭୟ ନଥିଲା ତାଙ୍କର । ହେଲେ ସେ କହୁଥିଲେ ବାରମ୍ବାର ଆସ ସଭିଏଁ ସ୍ୱାଭିମାନକୁ ଭୁଲି ମୂକ ହୋଇ ଜୀବନ ବଂଚିବା ଏଥର । ଆମେ କ'ଣ ମୂକ ହୋଇ ବଞ୍ଚିବା ଏଥର ?

*****

ଯଶୋବନ୍ତପୁର , ଜଗତସିଂହପୁର

# ଏମିତି ବି ଖୁସି

ରାଜେଶ କୁମାର ବାରିକ

ଦୁଃଖ ପରେ ସୁଖ, ସୁଖ ପରେ ଦୁଃଖ ଏ ତ ଜୀବନର ରୀତି । ଆଉ ଏହାରି ଭିତରେ ମଣିଷ ଜୀବନ ! ଜୀବନରେ ଜୀବନ ସହ ସଂଗ୍ରାମ କରି ବଞ୍ଚିବା କେତେ କଷ୍ଟ, ଆଉ ଏଇ କଷ୍ଟରୁ ବାହାରି ମୁକ୍ତିର ସ୍ୱାଦ ଚାଖିବା କେତେ ଆନନ୍ଦ ତାହା ମୋତେ ଭଲ ଭାବରେ ଜଣା । ଭଙ୍ଗା ଘରରେ ସାତଜଣ ପରିବାରକୁ ନେଇ ଦୁଇ ଛୁଆଙ୍କୁ ପାଠ ପଢାଇ ମଣିଷ କରିବା କୋଣସି ଏକ ଯୁଦ୍ଧ ଲଢିବା ଠାରୁ କମ୍ ନୁହେଁ । ଆଉ ଏଇ ଯୁଦ୍ଧକୁ ହସି ହସି ଜିତି ଯାଇଥିଲେ ମୋର ମା' ଆଉ ବାପା । ବାପାଙ୍କ ସ୍ୱଳ୍ପ ଆୟ, ବୁଢା ବାପା ବୁଢିମା'ର ଦେଖାଶୁଣା ସହ ଆମ ଦୁଇ ଭାଇଙ୍କ ପାଠ ପଢା ଭିତରେ ଅଭାବର କଷଣକୁ ନେଇ ହସ କ'ଣ ଭୁଲି ଯାଇଥିଲେ ସେ ! ଘରର ପରିସ୍ଥିତିକୁ ନେଇ ସଭ୍ୟ ସମାଜ ଆଗରେ

ଚାଲୁଥିଲି ସତ କାହାରିକୁ ଡାକି ପାରୁନଥିଲି ଘରକୁ । ବାପା ସମସ୍ତଙ୍କ ଭୋଜି ଭାତରେ ଯୋଗ ଦେଉଥିଲେ ସତ କାହାକୁ ଡାକିପାରୁ ନଥିଲେ ଘରକୁ । ଫାଇନାଲି ଘରର ପରିସ୍ଥିତି ବଡ ଶୋଚନିୟ ଥିଲା । ଗ୍ରାଜୁଏସନ୍ ପରୀକ୍ଷା ପରେ ଅହମଦାବାଦରେ ଏକ ଘରୋଇ କମ୍ପାନିରେ କାମ କଲି, ସାନଭାଇ ମାନସ ବି ମୁମ୍ବାଇରେ କାମ କରିବାରେ ଲାଗିଲା । ଆଉ ଏହାରି ଭିତରେ ଚାଳ ଛପର ଭଙ୍ଗା ଘରଟା ବି ଆଜବେଷ୍ଟ ଛପରରେ ପରିଣତ ହୋଇଯାଇଥିଏ । ଆର୍ଥିକ ପରିସ୍ଥିତି ସୁଧୁରି ଥିଲେବି କିନ୍ତୁ ମନରେ ଅଭାବ ଭରିରହିଥାଏ । ବାପାଙ୍କ ଇଚ୍ଛା ଆଉ ଘରର ଖୁସିକୁ ଭରିଦେବା ପାଇଁ ମାନସ ଫୋନ୍ କଲା ମୋ ପାଖକୁ ।

ହେଲୋ.... ଭାଇ..... ସେପ୍ଟେମ୍ବର ମାସ ଗଣେଶ ପୂଜା ମୁଁ ଘରକୁ ଯାଉଛି । ମୁଁ କହୁଥିଲି କି ଗଣେଶ ପୂଜା ଆମେ ଆମ ଘରେ ପାଳନ କରନ୍ତେ । ପିଲା ଦିନେ ଯାହାକୁ ଫଟୋରେ ଧୂପକାଠି ଜଳାଇ ଚୁଡା ଭୋଗ ଦେଇ କରୁଥିଲୁ !

ଘରେ ମାନିବେ ତ ! ବାପାଙ୍କୁ ବୁଝାଇ ଦେ ବୁଢାବାପା, ବୁଢିମା' ମାନିଯିବେ । ଚେଷ୍ଟା କର ସବୁ ଠିକ୍ ହୋଇଯିବ ଆଉ ବହୁତ ଭଲ ହେବ...... କିନ୍ତୁ..... କିନ୍ତୁ ପୁଣି କ'ଣ ? ବ୍ରାହ୍ମଣ ଆସିବ ବଡ ମୂର୍ତ୍ତି ବସିବ ୪୦/ ୫୦ ଜଣ ପଡୋଶୀ ଖାଇବେ କିଛି ବନ୍ଧୁ ବାନ୍ଧବ ଆସିବେ । ଲାଇଟ୍ ଆଉ ମିଉଜିକରେ ମସ୍ତିହେବ । ଅନେକ ଦିନ ପରେ ଘରକୁ ଖୁସି ଆସିବ । ଆଉ ପୁଣି କ'ଣ ? ଘରେ ପୂଜା ହେବ, ମସ୍ତି ହେବ, ଘରକୁ ଖୁସି ଆସିବ ସବୁ କଥା ଠିକ୍ ଯେ କିନ୍ତୁ........ ତୁ'ତ ଜାଣିଛୁ ନୂଆ କାମ ନୂଆ କମ୍ପାନି କାମର ପ୍ରେସର ଅଛି ଏବେ ଏବେ ଦରମା ବି ବଢିଛି, ମୋତେ କାମରେ ଫୋକସ୍ କରିବାରେ ଅଛି ତେଣୁ ମୁଁ ଘରକୁ ଆସି ପାରିବି ନାହିଁ । କିଛି ସମୟ ନୀରବି ଗଲା ମାନସ । ........ତାହା ହେଲେ ପୂଜା କ୍ୟାନେସେଲ୍ । ତୁ ଆସିବୁନି ତ ପୂଜା କ'ଣ ହେବ । ଜୀବନ ଆମକୁ ବହୁତ କିଛି ଶିଖାଇଛି ମାନସ । ଖାଲି ମୋ ଖୁସି ପାଇଁ ସମସ୍ତେ ନିରବୀବା ଟା ଠିକ୍ ନୁହେଁ । ଏମିତିରେ ବି ମୁଁ ନ ଗଲି କ'ଣ ହେଲା

ମୋବାଇଲରେ ଭିଡିଓ କଲିଂ ଦେଖାଇ ଦେବୁନା, ମୁଁ ଖୁସି ହୋଇଯିବି । ଏମିତିରେ ଅନେକ ଦିନ ପରେ ଘରକୁ ଖୁସି ଆସୁଛି ତା'କୁ ମନାକରିବା ଠିକ୍ ନୁହେଁ । ମୁମ୍ବାଇରୁ ଘରକୁ ମାନସ ଆସିଲା, ସମସ୍ତଙ୍କୁ ବୁଝାଇ ଘରେ ପୂଜା କଲା, ବନ୍ଧୁ ବାନ୍ଧବ ଆସିଲେ । ଘରେ ସମସ୍ତେ ଖୁସି ହେଲେ ସତ ମୋର ଅନୁପସ୍ଥିତ ବାରିହୋଇ ପଡୁଥାଏ । ମନ ମାନିଲାନି ମୁଁ ସେଦିନ ଛୁଟି ନେଇ ବିଛଣାରେ ଶୋଇ ଶୋଇ ପୂଜା..... ଦେଖୁଥିଲି ସତ ! ଦୂରତାର ଦୁଃଖ ଭୁଲି ବହୁତ ଖୁସିଥିଲି ।

*****

ଦେବେନ୍ଦ୍ର ପୁର,
ବାଲେଶ୍ୱର

ପ୍ରିୟ ପାଠକ/ପାଠିକା,

- ପ୍ରେରଣା ଇ-ପତ୍ରିକାର ଏହା ଡିସେମ୍ବର ୨୦୧୯ ସଂସ୍କରଣ । ଏହି ସଂସ୍କରଣଟି ଆପଣଙ୍କୁ କିପରି ଲାଗିଲା ଆମକୁ ନିଶ୍ଚିନ୍ତ ଜଣାନ୍ତୁ ।
- ପ୍ରିୟ ଲେଖକ/ଲେଖିକା ମାନଙ୍କୁ ଉତ୍ସାହିତ କରିବା ପାଇଁ ତଥା ପତ୍ରିକାକୁ ଅଧିକ ସରସ ସୁନ୍ଦର କରିବାରେ ଆପଣଙ୍କ ସୁଚିନ୍ତିତ ମତାମତ ନିତ୍ୟାନ୍ତ ଆବଶ୍ୟକ ।
- ପ୍ରକାଶନରେ ହୋଇଥିବା କୌଣସି ତ୍ରୁଟି ଆମକୁ ଜଣାଇଲେ ପରବର୍ତ୍ତୀ ସଂସ୍କରଣରେ ତା'ର ମାର୍ଜନା ପ୍ରତି ଯତ୍ନବାନ ହେବୁ ।

ଆପଣଙ୍କ ମତାମତ ପ୍ରେରଣା ୱେବସାଇଟରେ www.preranaodia.com/feedback ପ୍ରଦାନ କରିବାକୁ ଅନୁରୋଧ ।

Prerana

GET IT ON Google play

"ପ୍ରେରଣା" ଆପ୍ ଡାଉନଲୋଡ୍ କରିବା ପାଇଁ ନିମ୍ନୋକ୍ତ ଲିଙ୍କ୍ ଉପରେ କ୍ଲିକ୍ କରନ୍ତୁ ।

https://play.google.com/store/apps/details?id=com.debi.prerana